Split by PDF Splitter



କାର୍ଯ୍ୟର ଅବଶିଷ୍ଟ ଶୋଭା ଯାହା ରହିଅଛି ତାହା ଦେଖିବାକାରଣ ଆପଣ ଶୁଭାଗମନ କରିବାରୁ ମନ୍ଦିରକମିଟିର ସଭ୍ୟ ଓ ମନ୍ଦିର ସେବାଇତବୃନ୍ଦ ଏବଂ ସାଧାରଣ ହିନ୍ଦୁସମାଜ ଆପଣଙ୍କ ସମାଦରପୂର୍ବକ ଅଭ୍ୟର୍ଥନା କରୁଅଛନ୍ତି। ପ୍ରାଚୀନ କୀର୍ତ୍ତି ରକ୍ଷାବିଷୟରେ ଆପଣଙ୍କର ଏତାଦୃଶ ଅନୁରାଗ ଏବଂ ଶ୍ରମ ସ୍ୱୀକାରରେ ଆମ୍ଭେମାନେ ମୋହିତ ହୋଇଅଛୁଁ ଏବଂ ପ୍ରାଚୀନ ହିନ୍ଦୁସଭ୍ୟତା ଧନ୍ୟା ହୋଇଅଛି। ଭୁବନେଶ୍ୱର ଏକକାଳରେ ହିନ୍ଦୁ ଶାସନକର୍ତ୍ତାର ଆବାସସ୍ଥାନ ଏବଂ ସେଠାର ବିଖ୍ୟାତ ମନ୍ଦିର ଶୈବଧର୍ମର କେନ୍ଦ୍ରସ୍ଥଳ ଥିଲା। ଶୈବଧର୍ମର ପତନ ଏବଂ ଅନ୍ୟାନ୍ୟ କାରଣରୁ ଏ ସ୍ଥାନର ଯେଉଁ ଦୁରବସ୍ଥା ଘଟିଅଛି ତାହା ଆପଣ ପ୍ରତ୍ୟକ୍ଷ କରୁଅଛନ୍ତି। ଏ ସ୍ଥାନଟି ଦରିଦ୍ରତାରେ ଅଛନ୍ତି ଏବଂ ମନ୍ଦିରର ସମ୍ପତ୍ତି ଯତସାମାନ୍ୟ। ଅତଏବ ଆପଣଙ୍କର ସମଯୋଗ୍ୟ ସମ୍ମାନ କରିବାକୁ ଅକ୍ଷମ ହୋଇ, ଯେଉଁ ଫୁଲ ପୁଷ୍ପହାର ଦେବତାମାନେ ସନ୍ତୁଷ୍ଟ ହୁଅନ୍ତି ତଦ୍ୱାରା ଆପଣଙ୍କଠାରେ ଭକ୍ତି ଓ ଶ୍ରଦ୍ଧା ପ୍ରକାଶ କରୁଅଛୁଁ। ଇତି।

ତଦନନ୍ତର ପଣ୍ଡାମାନେ ପୁଷ୍ପମାଳା ଓ ଚନ୍ଦନ ପ୍ରଦାନ କଲେ ଲାଟ ମହୋଦୟ ସନ୍ତୋଷ ପ୍ରକାଶ କରି ପ୍ରାଚୀରସଂଲଗ୍ନ ପ୍ରାସାଦୋପରି ଆରୋହଣ ପୂର୍ବକ ପ୍ରାୟ ଅର୍ଦ୍ଧଘଣ୍ଟା ପର୍ଯ୍ୟନ୍ତ ମନ୍ଦିରର କାର୍ଯ୍ୟ ଅବଲୋକନ କରି ପରେ ସିଂହଦ୍ୱାର ଓ ବିନ୍ଦୁସାଗର ପରିଦର୍ଶନ କରିବାକୁ ଗମନ କଲେ। ପ୍ରତ୍ୟାଗମନ ସମୟରେ ଭୁବନେଶ୍ୱର ମନ୍ଦିର ସନ୍ନିକଟ ମଣ୍ଡପରେ ଅବସ୍ଥାନ କରି ଓ ତହିଁରୁ ରାୟ ରାଧାନାଥ ରାୟବାହାଦୁରଙ୍କ ପୁତ୍ର ଶଶୀଭୂଷଣ ରାୟଙ୍କ ପ୍ରଦତ୍ତ ଭିକ୍ଟୋରିୟା ନାମକ ଏକ ଇଂରାଜି ପୁସ୍ତିକା ଯତ୍ନସହ ଗ୍ରହଣ କରି ଖଣ୍ଡଗିରି ଗୁମ୍ଫାଭିମୁଖେ ଗମନ କଲେ। ସନ୍ଧ୍ୟା ଉପସ୍ଥିତ ହେବାରୁ ରେଲପର୍ଯ୍ୟନ୍ତ ପଥର ଦୁଇପାର୍ଶ୍ୱ ଗିଲ୍‌ସ ଓ ଥାଲକମଳ ଗଛମାନଙ୍କ ଯୋଗାଯୋଗ ହୋଇ ବେଷ୍ଟନାର ହୋଇଥିଲା। ଆଗମନ ଓ ପ୍ରତ୍ୟାଗମନ ସମୟରେ ଅନେକଗୁଡ଼ିଏ ସ୍କୁଲବାଳକ ପତାକା ଧରି ମଣ୍ଡପ ସମ୍ମୁଖରେ ଉପସ୍ଥିତ ଥିଲେ। ଏ ଦୃଶ୍ୟ ଅତି ସୁନ୍ଦର ହୋଇଥିଲା। ଆମ୍ଭେମାନେ ଶୁଣି ଆନନ୍ଦିତ ହେଲୁଁ ଯେ ପଥର ଦୁଇପାର୍ଶ୍ୱ ଆଲୋକ ସଜାଇବା ବ୍ୟୟ ବାବୁ ଶଶୀଭୂଷଣ ରାୟ ବହନ କରିଥିଲେ।

ମନ୍ଦିର ଦେଖିବା କାଳରେ ସରକାରୀ ଇଞ୍ଜିନିୟରଙ୍କଦ୍ୱାରା ସମ୍ପନ୍ନ ଯେପର୍ଯ୍ୟନ୍ତ ମେରାମତି ହୋଇଅଛି ତହିଁର ଦୋଷ ଗୁଣ ସଙ୍ଗରେ ଥିବା ମହାନଗ୍ର ବାଗଚର ଏକଜକ୍ୟୁଟିଭ ଇଞ୍ଜିନିୟର ଅବନର୍ଟ ସାହେବଙ୍କୁ ଦେଖାଇ ଦେଇ ଏଣିକି ଯେପରି କାର୍ଯ୍ୟ ହେବ ତାହା କହିଦେଲେ। ସେହି ପ୍ରସଙ୍ଗରେ ମନ୍ଦିର କମିଟିର ମେମ୍ବର ବାବୁ ପ୍ରିୟନାଥ ମୁଖୋପାଧ୍ୟାୟଙ୍କୁ କହିଲେ "ତୁମ୍ଭେ କହୁଅଛ ଏହି ସ୍ଥାନ ମନ୍ଦିର ଅତ୍ୟନ୍ତ ସୁନ୍ଦର ଏବଂ ଏହାର ନିର୍ମାଣ କୌଶଳ ଏମନ୍ତ ଚମତ୍କାର ଯେ ସମସ୍ତଙ୍କର ଦେଖିବାର ଯୋଗ୍ୟ। ତୁମ୍ଭେ ଆଶା କର ଯେ ଆମ୍ଭେ ଏହି କୀର୍ତ୍ତିର ସୁରକ୍ଷା ଓ ସଂସ୍କାର ନିମନ୍ତେ ସରକାରରୁ ଅର୍ଥ ଯୋଗାଇବୁ ଅଥଚ ସେ ମନ୍ଦିର ଦେଖିବାକାରଣ ଆମ୍ଭଙ୍କୁ ଭିତରକୁ ଛାଡ଼ିବ ନାହିଁ ଏ କେମନ୍ତ ବିଚାର ?" ପ୍ରିୟନାଥ ବାବୁ ସାଧାରଣ ହିନ୍ଦୁଙ୍କର ମତ ନ ନେଇ ସହସା ଉତ୍ତର ଦେଇ ପାରିଲେ ନାହିଁ। ପ୍ରଶ୍ନଟି ଯୁକ୍ତିସଙ୍ଗତ ସନ୍ଦେହ ନାହିଁ ଏବଂ ଏହିର ଉତ୍ତର ଆବଶ୍ୟକ।

କଟକ।

ଖାସ ରେଲଗାଡ଼ି କଟକାଭିମୁଖେ ଗମନ କରି ସନ୍ଧ୍ୟା ଘ ୬।୪୫ ମିନିଟ ସମୟରେ କଟକ ଷ୍ଟେସନରେ ଉପସ୍ଥିତ ହେଲା। ଲାଟସାହେବଙ୍କ ଆଗମନ ପ୍ରତୀକ୍ଷାରେ ଅନେକ ନଗରବାସୀ ଷ୍ଟେସନଠାରେ ଉପସ୍ଥିତ ଥିଲେ ଓ ରେଲଷ୍ଟେସନ ସାଜସଜ୍ଜାଦ୍ୱାରା ଆଲୋକିତ ହୋଇଥିଲା ଦୃଶ୍ୟ ଅତି ସୁନ୍ଦର ହୋଇଥିଲା। ଲାଟସାହେବଙ୍କ ଗାଡ଼ି ପହଞ୍ଚିଲେ ଉପସ୍ଥିତ ନଗରବାସୀମାନେ କରତାଳିଦ୍ୱାରା ଶୁଭାଗମନର ସମ୍ଭାଷଣ କରିଥିଲେ କିନ୍ତୁ ଲାଟସାହେବଙ୍କ ସଙ୍ଗରେ ଅନେକ ସାହେବ ଥିବାରୁ ତାଙ୍କୁ କେହି ଚିହ୍ନି ନ ପାରି ଏବଂ ଦୃଢ଼ ପୁଲିସ ବନ୍ଦୋବସ୍ତହେତୁ ନିକଟକୁ ଯାଇ ନ ପାରି କ୍ଷୁଣ୍ଣ ମନରେ ଫେରି ଆସିଲେ। ପ୍ରାୟ ୩ ଘଣ୍ଟାକାଳ ଖାସଗାଡ଼ି ଷ୍ଟେସନରେ ରହି କଲିକତା ଯାତ୍ରା କଲା ଏବଂ ତହିଁ ଆରଦିନ ଅପରାହ୍ନ ଘ ୪ ଟା ବେଳେ ହାବଡ଼ାଷ୍ଟେସନଠାରେ ଉପସ୍ଥିତ ହେଲା। ସେଠାରେ ଏବଂ କଲିକତାର ଗବର୍ଣ୍ଣମେଣ୍ଟ ପ୍ରାସାଦରେ ଯଥାମତେ ଅଭ୍ୟର୍ଥନାର ଆୟୋଜନ ହୋଇଥିଲା ଏବଂ ଲାଟମହୋଦୟ ଆନନ୍ଦ ଏବଂ କୁଶଳରେ କଲିକତାର ଲାଟଭବନରେ ପ୍ରବେଶ କଲେ।

---

### ସନ ୧୯୦୦ ସାଲର ମଧ୍ୟଇଂରାଜୀ ଓ ଭର୍ଣ୍ଣାକ୍ୟୁଲର ବୃତ୍ତିପ୍ରାପ୍ତ ଛାତ୍ରମାନଙ୍କର ନାମ।

| ନମ୍ବର | ଛାତ୍ରର ନାମ | କେଉଁ ସ୍କୁଲରୁ | | କେଉଁ ସ୍କୁଲରେ ପଢ଼ିବ |
|---|---|---|---|---|
| | **କଟକ ଡିଷ୍ଟ୍ରିକ୍ଟ।** | | | |
| ୧ | ହେମଚନ୍ଦ୍ର ତ୍ରିପାଠୀ | କଟକ ମଡେଲ | ଏମ୍, ଇ, | ରେଭେନସା କଲେଜିଏଟ |
| ୨ | ଯୋଗେନ୍ଦ୍ରମୋହନ ଚାଟୁର୍ଯ୍ୟ | " | " | " |
| ୩ | ଜୀବାନନ୍ଦ ଦାସ | କଟକ ଟାଉନ | " | କଟକ ମିଶନ ହାଇ ଇଃ |
| ୪ | ସାଧୁଚରଣ ପଟ୍ଟନାୟକ | " ମିଡଲ ପ୍ରିଷ୍ଟୁଡେଣ୍ଟ | | ରେଭେନସା କଲେଜିଏଟ |
| ୫ | ବାସୁଦେବ ଦାସ | ସାଲିପୁର | ଏମ୍, ଇ, | ପ୍ୟାରୀମୋହନ ଏକାଡେମୀ |
| ୬ | ରାମଚନ୍ଦ୍ର ଦାସ | କାନପୁର ମେଟକାଫ | ଏମ, ଇ, | ଏକନ |
| ୭ | କୃଷ୍ଣଚନ୍ଦ୍ର ମିଶ୍ର | ସିଦ୍ଧେଶ୍ୱରପୁର | " | ରେଭେନସା କଲେଜିଏଟ |
| ୮ | ଚିନ୍ତାମଣିଦାସ | ବାପଟିଷ୍ଟ ଜେନେରଲ | " | ମିଶନ ହାଇ ଇଃ |
| ୯ | ସଚ୍ଚିଦାନନ୍ଦ ମିଶ୍ର | ମଣ୍ଡା | " | ପ୍ୟାରୀମୋହନ ଏକାଡେମୀ |
| ୧୦ | ଜଗନ୍ନାଥ ପଟ୍ଟନାୟକ | ସୁବର୍ଣ୍ଣପୁର | ଏମ୍, ଇ, | ଏକନ |
| | **ବାଲେଶ୍ୱର ଡିଷ୍ଟ୍ରିକ୍ଟ।** | | | |
| ୧ | ସାମୁଏଲ ଯୋସେଫ | ବାରବାଟି | ଏମ, ଇ, | ବାଲେଶ୍ୱର ଜିଲ୍ଲା ସ୍କୁଲ |
| ୨ | ହରେକୃଷ୍ଣ ଦାସ | ସୋରୋ | ଏକନ | ଏକନ |
| ୩ | କାଳପୂର୍ଣ୍ଣମୋହନ ଦେ | ବାଗୁଡ଼ି | ଏମ, ଇ, | ଭଦ୍ରକ ହାଇ ଇଃ |
| ୪ | ମନ୍ମଥନାଥ ବସୁ | ଭିକ୍ଟୋରିୟା ଜୁବଲି | " | ବାଲେଶ୍ୱର ଜିଲ୍ଲା ସ୍କୁଲ |
| ୫ | ବୃନ୍ଦାବନ ତ୍ରିବେଦୀ | ସୋରୋ | ଏମ, ଇ, | ଏକନ |
| ୬ | ମାର୍କଣ୍ଡେୟ ସାହୁ | ଦୋଲସାହି ପ୍ରିଷ୍ଟୁଡେଣ୍ଟ | | ଭଦ୍ରକ ହାଇ ଇଃ |
| ୭ | ଘନଶ୍ୟାମ ଦାସ | କୋଥାର | ଏମ, ଇ, | ବାଲେଶ୍ୱର ଜିଲ୍ଲା |
| | **ଅନୁଗୁଳ ଡିଷ୍ଟ୍ରିକ୍ଟ।** | | | |
| ୧ | ଜଗତବନ୍ଧୁ ସାହୁ | ଅନୁଗୁଳ | ଏମ, ଇ, | ଢେଙ୍କାନାଳ ହାଇ ଇ |
| | **ପୁରୀ।** | | | |
| ୧ | ଗୋବିନ୍ଦ ଦାସ | ଚଣାହଟା | ଏମ୍, ଇ, | ରେଭେନସା କଲେଜିଏଟ |
| ୨ | ଜଗନ୍ନାଥ ମିଶ୍ର | ବୀରନରସିଂହପୁର | " | ପୁରୀ ଜିଲ୍ଲା ସ୍କୁଲ |
| ୩ | ଲୋକନାଥ ମିଶ୍ର | " | " | ଏକନ |
| ୪ | ପର୍ଶୁରାମ ମହାନ୍ତି | ପଞ୍ଚଲୁଦ | ଏମ୍, ଇ, | ଏକନ |
| ୫ | ମଧୁସୂଦନ ମହାପାତ୍ର | ଭୁବନେଶ୍ୱର | ଏମ୍, ଇ, | ଖୋର୍ଦ୍ଧା ହାଇ ଇଃ ସ୍କୁଲ |
| ୬ | ବାଳୁକେଶ୍ୱର ମହାପାତ୍ର | ବୀର ନରସିଂହପୁର | ପ୍ରିଷ୍ଟୁଡେଣ୍ଟ | ପୁରୀ ଜିଲ୍ଲା ସ୍କୁଲ |
| ୭ | ମଦନମୋହନ ଜଗଦେବ | ବୋଲଗଡ଼ | ଏମ୍, ଇ, | ଖୋର୍ଦ୍ଧା ହାଇ ଇଃ ସ୍କୁଲ |

Digitized by srujanika@gmail.com

Split by PDF Splitter



ଓଡ଼ିଶା ଟ୍ରେନିଂସ୍କୁଲ ମାହାଲ ।

| | | | |
|---|---|---|---|
| ୧ ଶ୍ରୀରାମ ନାୟକ | ହିନ୍ଦୋଳ | ଏମ୍, ଇ, | ରେଭେନସା କଲେଜ ଦ୍ୱିତ |
| ୨ ଅନନ୍ତ ରଥ | ନରସିଂହପୁର | „ | „ |
| ୩ ଗୋପୀନାଥ ପଟ୍ଟନାୟକ | ନୟାଗଡ଼ | „ | ସର୍ଭେସ୍କୁଲ କଟକ |

ସନ ୧୯୦୦ ସାଲର ଅପରପ୍ରାଇମେରୀ ବୃତ୍ତିପ୍ରାପ୍ତ ଛାତ୍ରମାନଙ୍କ ନାମ ।

କଟକ ଡିଷ୍ଟ୍ରିକ୍ଟ ।

| ନମ୍ବର ଛାତ୍ରର ନାମ | କେଉଁ ସ୍କୁଲରୁ | | କେଉଁ ସ୍କୁଲରେ ପଢ଼ିବ |
|---|---|---|---|
| ୧ ଶେଖ ମନସୁର | କେନ୍ଦୁଲ | ଅଃ ପ୍ରାଃ | କଟକ ମଡେଲ ସ୍କୁଲ |
| ୨ ମୋହନ ସାହୁ | ଅନନ୍ତପୁର | „ | „ |
| ୩ ହରେକୃଷ୍ଣ ସାମନ୍ତ | ବାଟପଡ଼ | „ | ଚଣ୍ଡିକା ମିଃ ଇଃ „ |
| ୪ ବାସୁଦେବ ଦାସ | ପାଟପୁର | „ | ଜାଜପୁର ମିଃଇଃ „ |
| ୫ ଦାମୋଧର ଦାସ | ଏକବରୁଆଁ | „ | ନୂଆଁଗାଁ ମିଃ ଇଃ „ |
| ୬ ଜୟୁସ୍ମମ ବେହେରା | ଖଣ୍ଡସ୍ଥ | „ | ବଡ଼ଗୋଡ଼ା ମିଃ ଇଃ „ |
| ୭ ବୈଷ୍ଣବଚରଣ ଧଳ୍ପାଲ | ନାଉପଡ଼ା | „ | କଲ୍ୟାଣପୁର ମିଃ ଇଃ „ |
| ୮ ଅର୍ଜ୍ଜୁନ ଜେଣା | ଟୈବିଦ୍ୟେଶ୍ୱର | „ | ଚଣ୍ଡିକା ମିଃ ଇଃ „ |

ବାଲେଶ୍ୱର ଡିଷ୍ଟ୍ରିକ୍ଟ ।

| | | | |
|---|---|---|---|
| ୧ ହରମୋହନ ମିଶ୍ର | କୁମାରପୁର | ଅଃ ପ୍ରାଃ | ଦୋଲସାହି ମିଃ ଇଃ ସ୍କୁଲ |
| ୨ ବୃନ୍ଦାବନ ଦାସ | ବାରବାଟୀ | „ | ସୋରୋ ମିଃ ଇଃ „ |
| ୩ ହୃଦୟାନନ୍ଦପୂର୍ଣ ମହାନ୍ତି | ସୋରୋ ଲଙ୍ଗପୁର | „ | „ „ „ |
| ୪ ପଦ୍ମଲୋଚନ ନାୟକ | ନାହିଁଉବା | „ „ | ଦେହୁରୁଣ୍ଡା ମିଃ ଇଃ „ |
| ୫ ଜଗାକର ପଣ୍ଡା | ଜଳୁଥଳ ନୂଆଁଗାଁ | „ | ଗୁଡ଼ବାଲ ମିଃ ଇଃ „ |
| ୬ ଗୋକୁଳଚନ୍ଦ୍ର ଦାସ | ମହାଲିବ | „ „ | କୋଉଦୋଣ୍ଡା ମିଃ ଇଃ „ |

ଅନୁଗୁଳ ଡିଷ୍ଟ୍ରିକ୍ଟ ।

| | | | |
|---|---|---|---|
| ୧ ଗୋପାଳଚନ୍ଦ୍ର ପ୍ରଧାନ | ଛେଣ୍ଡିପଦା | ଅଃ ପ୍ରାଃ | ଅନୁଗୁଳ ମିଃ ଇଃ ସ୍କୁଲ |
| ୨ ମଦନମୋହନ ସିଂହ | ବଳରାମପ୍ରସାଦ | „ | „ „ „ |

ପୁରୀ ଡିଷ୍ଟ୍ରିକ୍ଟ ।

| | | | |
|---|---|---|---|
| ୧ କ୍ଷେମନାଥ ମିଶ୍ର | ଖାର ପୁରୁଷୋତ୍ତମପୁର | ଅଃ ପ୍ରାଃ | ଟେଙ୍ଗନ ମିଃ ଇଃ ସ୍କୁଲ |
| ୨ ଶ୍ରୀଧର ରଥ | ସାମନ୍ତରପୁର | „ | ଭୁବନେଶ୍ୱର „ „ |
| ୩ ମଦନ ଦାସ | ନୂଆପାଟଣା | „ | କଟକ ମଡେଲ „ „ |
| ୪ ଅନ୍ତର୍ଯ୍ୟାମୀ ପଟ୍ଟନାୟକ | ଲୁହୁଣ୍ଡ | „ | ବାଣପୁର ମିଃ ଇଃ „ |
| ୫ ଅର୍ତ୍ତବନ୍ଧୁ ମହାନ୍ତି | ମାଣିକଗୋଡ଼ | „ | ବୋଲଗଡ଼ ମିଃ ଇଃ „ |

ଓଡ଼ିଶା ଟ୍ରିବ୍ୟୁଟରୀ ମାହାଲ ।

| | | | |
|---|---|---|---|
| ୧ ପରମାନନ୍ଦ ଦାସ | ରସୋଲ | ଅଃ ପ୍ରାଃ | ହିନ୍ଦୋଳ ମିଃ ଇଃ ସ୍କୁଲ |
| ୨ ସତ୍ୟବାଦୀ ତ୍ରିପାଠୀ | ସଣ୍ଡା | „ | ଢେଙ୍କାନାଳ ହାଃ ଇଃ „ |
| ୩ ଉତ୍କଳମଣି ଦେଇ | ନୀଳଗିରି ବାଳିକା | „ | ନୀଳଗିରି ମିଃ ଇଃ „ |
| ୪ ପ୍ରଭାକର ଶତପଥୀ | ଧଳପୁର | „ | ଢେଙ୍କାନାଳ ହାଃ ଇଃ „ |
| ୫ ରାମଚନ୍ଦ୍ର ଓଝା | ସଉଳୋ | „ | ତାଳଚେର ମିଃ ଇଃ „ |
| ୬ ଜନାର୍ଦ୍ଦନ ପୃଷ୍ଟି | କାନପୁର | „ | ନରସିଂହପୁର „ „ |
| ୭ ନାରାୟଣପ୍ରସାଦ ନାୟକ | ଓଉରା | „ | ନୀଳଗିରି ମିଃ ଇଃ „ |

# ସାପ୍ତାହିକ ସମ୍ବାଦ ।

## କଲିକତା-ଗେଜେଟ ।

ଅଃ ମାଜିଷ୍ଟ୍ରେଟ ଓ ଡେପୁଟିକଲେକ୍ଟର ମିଃ ରାମସୁନ୍ଦର ବେହେରା ଦ୍ୱିତୀୟ ଶ୍ରେଣୀର ମାଜିଷ୍ଟ୍ରେଟ ମୋକଦ୍ଦମାରେ ଅବଶ୍ୟକ ହୋଇ ୩ୟ ଶ୍ରେଣୀର ମାଜିଷ୍ଟ୍ରେଟ କ୍ଷମତା ପ୍ରାପ୍ତ ହେଲେ ।

ପୁରୀର ସବ୍‌ଜଜ ମିଃ ଏ, ଇ, ଜନ୍‌ସନ୍ ଡିସେମ୍ବରମାସ ତା ୧୯ ରଖଠାରୁ ଜଏଣ୍ଟମ୍ୟାଜିଷ୍ଟ୍ରେଟ ଜେନେରଲ ପଦରେ ଗଞ୍ଜାମ ପର୍ଯ୍ୟନ୍ତ ନିଯୁକ୍ତ ହେଲେ ।

ଗସ୍ତ ଦ ମୁନସଫ ବାବୁ ଦୁର୍ଗାଚରଣ ଘୋଷ ବାଲେଶ୍ୱରର ଅତିରିକ୍ତ ମୁନସିଫ ପଦରେ ନିଯୁକ୍ତ ହେଲେ ।

ବାବୁ ଜଗନ୍ନାଥ ସୁର ପୂର୍ବୋକ୍ତ ପର୍ଯ୍ୟନ୍ତ ଏବଂ ବାବୁ ପୂର୍ଣ୍ଣଚନ୍ଦ୍ର ଘୋଷଙ୍କ ଛୁଟି କାଳରେ ବାଲେଶ୍ୱରର ଅତିରିକ୍ତ ମୁନସଫ ପଦରେ ନିଯୁକ୍ତ ହେଲେ ।

ମୌଲବୀ ମିର୍ଜା ମହମ୍ମଦ ନାଜର ଭଦ୍ରକ ସ୍ପେସିଆଲ ଡେପୁଟି ଅର୍ଡିନାରି ମାଜିଷ୍ଟ୍ରେଟ ପଦରେ ନିଯୁକ୍ତ ହୋଇ ୩ୟ ଶ୍ରେଣୀର ମାଜିଷ୍ଟ୍ରେଟ କ୍ଷମତା ପ୍ରାପ୍ତ ହେଲେ ଓ ଏକାକୀ ମୋକଦ୍ଦମା ବିଚାର କରିବାର କ୍ଷମତା ପାଇଲେ ।

ବାଲେଶ୍ୱରଡେପୁଟି ଅଃ ଇନ୍‌ସ୍ପେକ୍ଟର ମିଃ ଉଦୟନାଥ ଜେନା ୫ ଦିନର ଅର୍ଜ୍ଜିତ ଛୁଟି ପାଇଲେ ।

ଅଃ ଇନ୍‌ସ୍ପେକ୍ଟର ବାବୁ ମଧୁସୂଦନ ସେନ ଗୁପ୍ତ ଅନୁପସ୍ଥିତ କାଳରେ ବାବୁ ଅଘୋରନାଥ ଦାସ ଅସ୍ଥାୟୀ ଅସିଷ୍ଟାଣ୍ଟ ସ୍କୁଲ ଇନ୍‌ସ୍ପେକ୍ଟର ହେଲେ ।

---

ଏ ସପ୍ତାହରେ ଶୀତ ବଢ଼ିଅଛି । ସ୍ୱାସ୍ଥ୍ୟ ଓ ସାଧାରଣ ସ୍ୱାସ୍ଥ୍ୟ ଭଲ ।

ଗତ ସୋମବାର ଶ୍ରୀଯୁକ୍ତ କମିଶନର ସାହେବ ସଦରକୁ ଫେରି ଆସିଅଛନ୍ତି ।

ଶୀତଜନିତ ହେତୁ ମାନ ସ୍କୁଲରେ ଚାର ଘଣ୍ଟା ହୋଇ ଚାରି ପଢ଼ିଅଛି । ଏକ ଟକାରୁ ସୁନା ଓ ବାଲେଶ୍ୱରରେ ସେ ୧୭୩ ଏବ କଟକରେ ସେ ୧୩୩ ବାଲେଶ୍ୱରୀ ଓଜନରେ ବିକ୍ରୟ ହେଉଅଛି । ଅନୁଗୁଳରେ ସେ ୨୦ ଓ ଏବ ଜଳମାଳରେ ସେ ୧୩ ହୋଇଅଛି ।

ବାବୁ ଦାମୋଦର ପଣ୍ଡିତଙ୍କ ଜାଲିଆତମୋକଦ୍ଦମାର ବିଚାର ଜଗନ୍ନାଥ ପଣ୍ଡିତଙ୍କର ଅଗ୍ରଦିନ ଓ ଦ୍ୱିତୀୟ ଦିନରେ ମଧ୍ୟବର୍ତ୍ତୀ ନା ୨ ସ ବଦେ ହୋଇଥିଲା । ବାଲେଶ୍ୱରରେ ମୋକଦ୍ଦମା କରିବାକୁ ଯାଇ ଉଭୟଙ୍କର ଖେଦପୂର୍ଣ୍ଣ ସାହେବ ଡେପୁଟିମାଜିଷ୍ଟ୍ରେଟଙ୍କ ଦରବାରରେ ସବୁ ଶୁଣାଣିର ପ୍ରସ୍ତୁତ ହୋଇଥିଲା ।

ରଘୁନାଥ ଦାସ । ସା । ଦୁଲାଳଙ୍କ ଏ ନଗର ପ୍ରଭୃତି ଉତ୍ତମ ଚନ୍ଦ୍ରାର ଦିନ ୭.୩୦ ଦେଖାଯାଏ ଆଉ ଲୋକମାନଙ୍କ ବିଶ୍ୱାସ । ପ୍ରକାଶ ତାହାର କଥା ଉପରେ ବହୁ ସ୍ଥାନରେ ଚୋରିର ବାଳକ ଉତ୍ପାତ ଆହାର କରି ସ୍ଥାନ ନେଇ ଅଛନ୍ତି ।

ରେଲବାଟ ଟିକେଟଘରରୁ ପ୍ରବାସୀ ଲୋକଙ୍କ ପୁନଃ ଯାଉଅଛି । ଲୋକମାନଙ୍କ ଉପରେ ପୁଲିସର ଦୃଷ୍ଟି ରହିବା ଆବଶ୍ୟକ ।

ଭଣ୍ଡଳମାଷ ତା ୧ ପ୍ରଥରେ କହିବାଯାଉଛି ଯେ ଏକ ମନ୍ଦାବସ୍ଥାରେ ଯାତ୍ରୀ ଜନ୍ମଭୂମି ସମ୍ପର୍କରେ ତାହାର ଭୁଲ ହୋଇଲେ ହଠାତ ଲୋକଙ୍କ ପାଇଁ ଦିଆଯାଇ ମାସକରେ । ଅନ୍ୟପାର୍ଶ୍ୱରେ କାର୍ଯ୍ୟ କରୁଥିବା ଲୋକ ଧନ ଜନ ହୋଇଯିବାର ଦେଖି ତାହାର ଭୂମି ଆସ୍ଥାନ ମାତ୍ର ଦେଖିଦେଲେ ଯେ ଲୋକର ଆବଶ୍ୟକ ବାହାର ପାଇଥିବ ।

କଲିକତା ଯାଦୁଘରର ନିକଟରେ ଶ୍ରୀମତୀ ଦେବୀଙ୍କ ରଙ୍ଗମଞ୍ଚ ଉପର ମହତ୍ତ୍ୱର ସୁକୁମାରୀ ଦେବୀ ଦାରଣ ଲକ୍ଷଣରେ ୧୨,୦୦୦ ଟଙ୍କା ମୂଲ୍ୟରେ ଏକ ଟେଲିଗ୍ରାଫ ସ୍ଥାପନ ଅଛି । ସେ ସ୍ଥାନରେ ବସି ସବୁ ମୋଟରେ ଅଗ୍ନି ଯିବାରୁ ଉଠିଯିବ ଓ ଉପରୁ ପଡ଼ିବ ଅଛି ।—ଏହି ବେଳେ ଦେଖିବା ଯିବା ନ ପାର ।

ଅଣ୍ଡରସନଙ୍କ ଅଦାଲତ ଦ୍ୱାରା ଏବଂ ଜଳ ମୋକଦ୍ଦମା କ୍ରୀଡ଼ା ପାରିବାର ସମାଚାର ମିଳଇ । ଜଣେ ମୁସଲମାନ ଅପଣାର ପୁଅର ବିବାହ କାରଣ ଦେଲ ଦିନ କରି ଜନ୍ମ ହେବ ସେଠାରେ ସବୁ ନେଇ ପରୀକ୍ଷା ସମ୍ପର୍କରେ କଲେ ପିତା ଜାଣିଲେ ଅନୁସାରେ ସଜଣାଳ ହୋଇଥିଲା ଓ ମିଶ୍ରିତ ସ୍ଥାନରେ ଗମନ ହୋଇଥିବାର ଦେଖି ତହିଁରୁ କେଶକ ନେଇ ଦିଗାଲୁ ପ୍ରକାଶ କରି ବାହାର କରିଦେଲ । କାଳ ଓଡ଼ା କଳସ ପଡ଼ିବାରୁ ବନ୍ଧୁ ନାଗ ଏବ ତାହାର ସଙ୍ଗିମାନଙ୍କ ମାତ୍ର ଆଦେଶ କଠିନ ପରିଶ୍ରମ ସହିତ କାରାଦଣ୍ଡ ଓ ୫ ୨୫ ଟା ଜୋରିମାନା ଦଣ୍ଡ ହୋଇଅଛି ।

Digitized by srujanika@gmail.com

ଦକ୍ଷିଣଆଫ୍ରିକା ସାର ଲର୍ଡ କିଚ୍‌ନର ଆଗାମୀ ଜାନୁଆରି ମାସ ତା ୭ ସୁଦ୍ଧା କଲିକତାରେ ପହଞ୍ଚିଲେ ତାଙ୍କୁ ପାଇଁ ଅଛି। କାରଣ ସ୍ୱୟଂ ସୁବିଧା କରିହେବାର ସ୍ଥିର ହୋଇନାହିଁ। ତାଙ୍କ ସମ୍ମାନାର୍ଥ ସହରରେ ସେଣ୍ଟପଲଗିର୍ଜାକୁ ଅଣି ସେଠାରେ ଈଶ୍ୱରଙ୍କୁ ଧନ୍ୟବାଦ ଦିଆଯିବାର ମିଳନ ହେବ।

ସରକାରୀ ଗଣନାଶାସ୍ତ୍ରମାନଙ୍କରେ ଡିସେମ୍ବର ତା ୭ ଦିନ ଶରେ ୪ କୋଟି ଟଙ୍କାର ରୂପା ଏବଂ ସାର୍ଦ୍ଧ ୧୧ କୋଟି ଟଙ୍କାର ସୁନା ଚଳିତ ଥିବାର ସମ୍ବାଦ ମିଳଇ।

ଆମେରିକା ଭ୍ରାମନଗରର ଅଧ୍ୟାପକ କେଞ୍ଜବାଲ ଏକପ୍ରକାର ବୋମ ପ୍ରସ୍ତୁତ କରିଅଛନ୍ତି ଯେ ଉକ୍ତ ବୋମ ଫାଟିଲେ ୧୦୦ ଦ ମଧ୍ୟରେ ଥିବା ଲୋକମାନେ ନଷ୍ଟ ହେବାର କଠିନ। ଏହା ନୋହି ବାଣ ହେବପରି।

ଏଲାହାବାଦ ହାଇକୋର୍ଟ ଆଦେଶରେ ବାଇବାସ ଘଟିତ ମକଦ ୫ ହଜାର ଟଙ୍କା ଓ ଏକହଜାର ଟଙ୍କାର ଜାମିନ ଦେଇ ଜେଲରୁ ଖଲାସ ପାଇଅଛନ୍ତି।

ଜର୍ମାନର ଅନୁଷ୍ଠେୟ ଓସ୍କାର୍ ଇରଥସ୍ ଶ୍ରୀଲଙ୍କା ପ୍ରଶାନ୍ତ ମହାସାଗରରୁ ଗୋ ୮୪ ଟା ସାମୁଦ୍ରିକ କଚ୍ଛପ ସଂଗ୍ରହ କରିଅଛନ୍ତି। ସେଥିମଧ୍ୟରୁ ଗୋଟିକର ଓଜନ ମ ୫ ହେବ। ଏହାର ବୟସ ପ୍ରାୟ ୫ ୨୫୦ ବର୍ଷ ଅନୁମାନ କରାଯାଉଅଛି।

ବିଲାତର ଏକ କୃତ୍ରିମ ଅଙ୍ଗ ପ୍ରଭୃତିର ବ୍ୟବସାୟୀଙ୍କ ଗଣନାଦ୍ୱାରା ଠିକ କରୁଅଛନ୍ତି ଯେ ବିଲାତରେ ୮ ଲକ୍ଷ ଲୋକଙ୍କର କାହାର ଗୋଡ଼, କାହାର ବା ହାତଗୋଟି କାଟି ଦିଆଯାଇଅଛି; ସେମାନଙ୍କ କୃତ୍ରିମ ଗୋଡ଼ ହାତ ବ୍ୟବହାର କରୁଅଛନ୍ତି।

### ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ଶ୍ରୀ ବାବୁ ରାଜକିଶୋର ପଟ୍ଟନାୟକ | କେଉଁଝର | ଟ ୧ |
| „ ଗୋପୀନାଥ ମିଶ୍ର | କେନ୍ଦ୍ରାପଡ଼ା | ଟ ୩ |
| „ ଦାମୋଦର ରଥ | ଭେଟଣ | ଟ ୩ |
| „ ମାଉଣ୍ଟଲେ ଷ୍ଟୋଲକଲେଟର କମ୍ପ | | ଟ ୩ |
| „ ବୃନ୍ଦାବନ ମିଶ୍ର ହେଡ ପଣ୍ଡିତ ଲବାଙ୍ଗ | | ଟ ୩ |
| „ ଉତ୍କୁଣାକର ଦାଶ | କଟକ | ଟ ୧ |
| „ ନଟବର ପଟ୍ଟନାୟକ | ଅନୁଗୁଳ | ଟ ୩ |

## ବିଜ୍ଞାପନ ।

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଉଅଛୁଁ ଯେ ଅମ୍ଭେ ଅମୃତ ନିମ୍ନଲିଖିତ ପୁରାଣ ଛପାଇ ଆଜକୁ ପ୍ରାୟ ଏକ ମାସ ତଳେ କେହିଁରୁ ଜନ୍ମ ହେବ କୌଣସି ସ୍ଥାନରେ ଭ୍ରମବଶତଃ ମୂଲ୍ୟ ଦେଇ ପକାଇ ଦେଉଅଛୁଁ ଏ ବିଷୟ ଅମ୍ଭେ ଏକାବେଳେ ଭାଲ ଜାଣିପାରି ନ ଥିଲୁଁ। ବର୍ତ୍ତମାନ ଜାଣିପାରି ତହିଁର ଅନେକ ଅନୁସନ୍ଧାନ କଲେ ସୁଦ୍ଧା ପାଇ ପାରି ନାହୁଁ। ଯଦ୍ୟପି କୌଣସି ବ୍ୟକ୍ତି ଉକ୍ତ ଦସ୍ତାବିଜମାନ କୌଣସିଠାରେ ପ୍ରାପ୍ତ ହୋଇଥାନ୍ତି କିମ୍ବା ଅନ୍ୟ କେଉଁଠାରେ ବ୍ୟକ୍ତି ପ୍ରାପ୍ତ ହୋଇଥିବାର ଜାଣି ପାରିଥାନ୍ତି ତାହାହେଲେ ସେ ଅନୁଗ୍ରହପୂର୍ବକ ଉକ୍ତ ଦସ୍ତାବିଜମାନ ଅମ୍ଭ ହସ୍ତେ ଅର୍ପଣ କଲେ କିମ୍ବା ତତ୍ସମ୍ବନ୍ଧେ ଆବଶ୍ୟକୀୟ ଅନୁସନ୍ଧାନ ଦେଲେ ଅମ୍ଭେ ବାଧିତ

ହେବୁଁ ଏବଂ ତହିଁର ପ୍ରତ୍ୟୁପକାରସ୍ୱରୂପ ଉକ୍ତ ବ୍ୟକ୍ତିଙ୍କୁ ପାଞ୍ଚ ଟ ଙ୍କା ପୁରସ୍କାର ଦେବୁଁ।

୧। ଏଠା ଦେଓ୍ୱାନୀ ଅଦାଲତର ଭୂତପୂର୍ବ ଓକିଲ ୰ ଶ୍ରୀ ନଗେନ୍ଦ୍ରନାଥ ଚଟ୍ଟୋପାଧ୍ୟାୟଙ୍କର ପତ୍ନୀ ଜସୋମା କାଳୀ ଦେବୀଙ୍କର ଲେଖି ଦଅଥ ଅମ୍ଭ ନାମରେ ତା ୨୭।୭।୧୯୦୦ ଇଂରେଜୀ ତାରିଖର ରେଜିଷ୍ଟ୍ରୀ ସଂଯୁକ୍ତ କବାଲା ଯଦ୍ଦ୍ୱାରା ଉକ୍ତ ଜସୋମାକାଳୀ ଦେବୀ ଅମ୍ଭଙ୍କୁ ଟ ୨୯୬୦ ଙ୍କା ଇଉସମନରେ ତାଙ୍କର କ୍ଷମତାପ୍ରାପ୍ତ ଏଜେଣ୍ଟ ବାବୁ ବୈଦ୍ୟନାଥ ସିଂହଙ୍କଦ୍ୱାରା ତାଙ୍କର ଶରଦା ଓ ସ୍ୱୋପାର୍ଜିତ ବିକ୍ରୟ ୰ କାଳୀପଦ ବନ୍ଦୋପାଧ୍ୟାୟଙ୍କର ଷ୍ଟେଟ ସମ୍ପର୍କୀୟ ବାଲୁବଜାରରେ ଥିବା ସରକାରୀ ଖାସମହାଲ ଜମି ମା ୦।୨୨୫/. ୧୨ ଓ ତଦୁପରିସ୍ଥ ପକ୍କା କୋଠା ଓ ଚାଳ ଘର ବଗିଚା ଅମ୍ଭ ହସ୍ତେ ବିକ୍ରୟ କରିଅଛନ୍ତି।

୨। ସହର କଟକ ମନ୍ଦଥବଜାର ନିବାସୀ ବାବୁ ଧନଞ୍ଜୟ ବନ୍ଦୋପାଧ୍ୟାୟ ଏକ୍‌ଜିକ୍ୟୁଟର ଷ୍ଟେଟ ବାବୁ କାଳୀପଦ ବନ୍ଦୋପାଧ୍ୟାୟଙ୍କର ଲେଖି ଦଅଥ ତା ୧୭।୨।୯୧ ଇଂରେଜୀ ରେଜିଷ୍ଟ୍ରୀ ସଂଯୁକ୍ତ କବାଲା ଯଦ୍ଦ୍ୱାରା ଉକ୍ତ ଏକ୍‌ଜିକ୍ୟୁଟର ବାବୁ ଧନଞ୍ଜୟ ବନ୍ଦୋପାଧ୍ୟାୟ ଉକ୍ତ ଷ୍ଟେଟ ସମ୍ପର୍କୀୟ ବାଲୁବଜାରରେ ଥିବା ସରକାରୀ ଖାସମହାଲ। ବା। ମା ୦।୧୯୬/ ଜମି ଦେଓ୍ୱାନୀ ଅଦାଲତର ଭୂତପୂର୍ବ ଓକିଲ ୰ ନଗେନ୍ଦ୍ରନାଥ ଚଟ୍ଟୋପାଧ୍ୟାୟଙ୍କ ହସ୍ତେ ଟ ୬୦୧ ଙ୍କା ଇଉସମନରେ ବିକ୍ରୟ କରିଅଛନ୍ତି।

| | |
|---|---|
| ତା ୨୧ ଶ ଡିସେମ୍ବର ୧୯୦୦ ମସିହା | *Sd* Pundarikaksha Hazara<br>ପୁଣ୍ଡରୀକାକ୍ଷ ହାଜରା<br>ଡାକ୍ତର ସାହେବ ଦୋକାନ, ସହର କଟକ |

## ବିଜ୍ଞାପନ ।

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦଆ ଯାଉଅଛି ଯେ ସନ ୧୯୦୧ ମସିହା ଜାନୁଆରୀ ମାସ ତା ୫ ରଖ। ମୁ। ଓଡ଼ିଆ ପୌଷ ଦ ୨୩ ଦିନ ଶନିବାର ଦିବା ଘ ୧୨ ଟା ସମୟରେ କଟକ ଡିଷ୍ଟ୍ରିକ୍ଟ ବୋର୍ଡ ଅଧୀନସ୍ଥ ଅଲଷାନା ଅନ୍ତଃପାତି ଖୁନବାଲି ଘାଟ ପ୍ରକାଶ୍ୟ ନିଲାମଦ୍ୱାରା ସନ ୧୯୦୧ ମସିହା ଯନୋଆରି ମାସ ତା ୫ ରଖଠାରୁ ମାର୍ଚ୍ଚ ମାସ ତା ୩୧ ରଖ ସୁଦ୍ଧା ତିନ ମାସ ପଟ୍ଟସ ଦିଆ ସକାଶେ ଇଜାରା ଦିଆଯିବ। ଯେଉଁମାନେ ଉକ୍ତ ଘାଟର ଇଜାରା ନେବାକୁ ଇଚ୍ଛା କରୁଥିବେ ସେମାନେ ଉକ୍ତ ତାରିଖରେ ନିଲାମ ଡାକିବେ। ସର୍ବୋଚ୍ଚ ନିଲାମ ଡାକ ଗ୍ରହଣ କରାଯାଇପାରେ। ନିଲାମ ଶେଷରେ ସର୍ବୋଚ୍ଚ ଡାକଦାତାର ସଙ୍ଗେ ଦରଖାସ୍ତ ଓ ମଞ୍ଜୁରି ଦେବା ଆବଶ୍ୟକ ନିଲାମ ଡାକଦାତାଙ୍କୁ ନିଲାମ ଯମାର ଅର୍ଦ୍ଧାଂଶ ନିଲାମ ଗ୍ରହଣ ମାତ୍ରକେ ଡିପାଜିଟ ଦେବାକୁ ହେବ। ନିଲାମ ସମ୍ବନ୍ଧୀୟ ଅନ୍ୟ ଯାହା ଜାଣିବାକୁ ଆବଶ୍ୟକ ହେବ ଡିଷ୍ଟ୍ରିକ୍ଟ ବୋର୍ଡ ଅଫିସରେ ତଲ୍ଲାସ କଲେ ବୁଝିପାରିବ।

ପ୍ରକାଶ ଥାଉକି ଯଦି କେହି ଉକ୍ତ ଘାଟକୁ ଇଜାରା ନେବାକୁ ଇଚ୍ଛା କରେ କେବେ ନମାନେ ନେବ ତାହା ଉଲ୍ଲେଖ କରି ଦରଖାସ୍ତ କଲେ ସେ ବିଷୟ ବିଚାର କରାଯିବ—ଇତି

| | |
|---|---|
| Cuttack Ditt, Board Office | J. C. Chandra |
| Dated the 19th Decr. 1900 | V. Chairman |

## ବିଜ୍ଞାପନ ।

### ଓଡ଼ିଶାସ୍ଥ ଦକ୍ଷିଣ ରାଢ଼ିକାୟସ୍ଥମାନଙ୍କର ସାଧାରଣ ସଭା ।

ଆଗାମୀ ବର୍ଷ ନିମନ୍ତେ ଦୁଇଜଣ ଅସହାୟ କାୟସ୍ଥ ବାଳକର ଶିକ୍ଷାଭାର ଗ୍ରହଣ କରିବାକୁ ପ୍ରସ୍ତୁତ ଅଛନ୍ତି। ଯେଉଁ କାୟସ୍ଥ ବାଳକମାନେ ଉପରୋକ୍ତ ସଭାର ସାହାଯ୍ୟରେ ଶିକ୍ଷାଲାଭ କରିବାକୁ ଇଚ୍ଛା କରନ୍ତି ସେମାନେ ସ୍ୱୟଂ ଅଥବା ଅଭିଭାବକଙ୍କଦ୍ୱାରା ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟକୁ ଆଗାମୀ ଜାନୁଆରୀ ମାସ ତା ୭ ରଖ ମଧ୍ୟରେ ଦୁଇଜଣ ଖ୍ୟାତନାମା ବ୍ୟକ୍ତିଙ୍କ ସାର୍ଟିଫିକେଟସହ ଦରଖାସ୍ତ କରି ପାରିବେ। ଦରଖାସ୍ତରେ ବୟସ, ପିତାର ନାମ, ଗ୍ରାମ ଓ ଦୁଃସ୍ଥାବସ୍ଥାର ପରିମାଣ ଉଲ୍ଲେଖ କରିବାକୁ ହେବ।

| | |
|---|---|
| କଟକ, ବାଙ୍କାବଜାର<br>୧୯।୧୨।୧୯୦୦ | /ଶ୍ରୀ ଅକ୍ଷୟକୁମାର ଘୋଷ ସମ୍ପାଦକ,<br>ଦକ୍ଷିଣ ରାଢ଼ିକାୟସ୍ଥ ସଭା |

## NOTICE.

"Wanted a competent man for the post of Dewan of Surangi Taluk. Salary will be fixed according to qualifications. Applications with copies of testimonials should reach the undersigned before the 20th instant."

Raja of Surangi.

ଇଣ୍ଟ୍ରାନ୍ସ, ଅପରପ୍ରାଇମେରୀ, ଭର୍ଣ୍ଣାକ୍ୟୁଲର ଏବଂ ମାଇନର ସ୍କୁଲର ପାଠ୍ୟପୁସ୍ତକ ଏବଂ ତହିଁର ବ୍ୟାଖ୍ୟା ଉଚିତ ମୂଲ୍ୟରେ କଟକ ଗ୍ରିଣ୍ଡଲେ କମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି। ମୋଫସଲର ଗ୍ରାହକମାନଙ୍କ ପ୍ରଚୁର ପରିମାଣରେ କମିସନ ଦିଆଯାଏ। ନାନାପ୍ରକାର କାଗଜ, ପେନସିଲ, କଲମ, ହୁଆର, ଷ୍ଟାମ୍ପ ... ଏବଂ ଗବର୍ଣ୍ଣମେଣ୍ଟ ଅଫିସରେ ଲେଖିବାର ଯାବତୀୟ ସରଞ୍ଜାମମାନ ସୁଲଭ ମୂଲ୍ୟରେ ଅମ୍ଭ ଦୋକାନରେ ମିଳେ। ଇତି।

ଶ୍ରୀ କୌଶିଶଙ୍କର ଗୁପ୍ତ।
ପ୍ରେସିଡେଣ୍ଟ।

Split by PDF Splitter

Digitized by srujanika@gmail.com

# ବିଜ୍ଞାପନ ।

## ନୂତନ ପୁସ୍ତକ ।

ଶ୍ରୀରାମଶଙ୍କର ରାୟଙ୍କ କୃତ

## ବିଷମୋଦକ ।

ନାଟକ ।

ମୂଲ୍ୟ ଛ ଅଣା ମାତ୍ର ।

ମାର୍କଣ୍ଡେୟ ପୁରାଣ ଟ ୧
ଜଗନ୍ନାଥଭକ୍ତି ବା ଚୈତନ୍ୟ ଗୀତା ଟ ୦।୵

## ବିଦ୍ୟାଦୀପବର୍ତ୍ତି ।

ଏଥିରେ ସ୍ୱୀକାର ବଧି, ବବାଦ ବର୍ଗ, ଚତୁର୍ଥୀ ବର୍ଗ, ଉଦ୍ଧବନାପନା, ବିବାଦ ବର୍ଗର କ୍ରମ ଏବ କେତେକ ବିବାଦ କାଉକାସହିତ ସନ୍ନିବେଶିତ ହୋଇଅଛି ।

ମଲ୍ୟ ଟ ୦।୶

କଟକ ସ୍କୁଲ୍‌ଙ୍କାମ୍ପାନୀଙ୍କ ପୁସ୍ତକ ଦୋକାନରେ ଉକ୍ତ ବହି ମିଳବ ।

---

NEW YORK LIFE INSURNCE COMPANY.

Is the property of the Policy Holders and all profits made are allotted to them. A safe and profitable investment—For full particulars apply to

H. J, BELL,
*Agent,*
*Cuttack.*

---

# ବିଜ୍ଞାପନ ।

## ଯାଦୁଠି ଯଥାର୍ଥ ମହୌଷଧ

ମୂଲ୍ୟ ପ୍ରତି ଡବା ଟ ୦।୵ ଛ ଅଣା ମାସୁଲ ଏକଡବାଠାରୁ ଛ ଡବା ପର୍ଯ୍ୟନ୍ତ ଟ ୦ । ଚାରି ଅଣା ମାତ୍ର ।

ସକଳପ୍ରକାର ଦଦ୍ରୁରୋଗର ଏହାପରି ଉତ୍କୃଷ୍ଟ ଧ୍ରୁଣ ଜ୍ୱାଳା ଯନ୍ତ୍ରଣା ନିବାରକ ଅଶ୍ୱ ଫଳଦାୟକ ଔଷଧ ଏପର୍ଯ୍ୟନ୍ତ ଦ୍ୱିତୀୟ ଦେଖା ଯାଇ ନାହିଁ । ଶତ ଶତ ବ୍ୟକ୍ତି ଏହି ଔଷଧର ଗୁଣ ବର୍ଣ୍ଣନା କରି ମୁକ୍ତକଣ୍ଠରେ ପ୍ରଶଂସା କରିଅଛନ୍ତି ।

ଔଷଧ ଲବ୍ଧାର୍ଥୀ ମାନଙ୍କେ ସୁସ୍ପଷ୍ଟରୂପେ ସ୍ୱ ସ୍ୱ ନାମ, ଧାମ, ଡାକଘର, ଜିଲ୍ଲା ଏବ କାହାର କେତେ ଡବା ଔଷଧ ଆବଶ୍ୟକ ନ ଲେଖିଲେ ଔଷଧ ପଠାଇବାରେ ନାନା ବିଘ୍ନ ଉପସ୍ଥିତ ହୁଏ ।

ସ୍ୱତ୍ୱାଧିକାରୀ
ଶ୍ରୀ ରାମଚାରଣ ଶେଠ
ଦେବୀ ଭୂଷଣ ଷ୍ଟୋର, ବାଲେଶ୍ୱର




# ସୁଗନ୍ଧ ସୌଖୀନ ଦ୍ରବ୍ୟ

କଲିକତାର ପ୍ରସିଦ୍ଧ ସୁଗନ୍ଧଦ୍ରବ୍ୟ ପ୍ରସ୍ତୁତକାରୀ ଏଚ, ବସୁଙ୍କ କାରଖାନାରେ ପ୍ରସ୍ତୁତ ।

## କୁନ୍ତଳୀନ

ଏହି ତୈଳ କେଶ ପରିବର୍ଦ୍ଧନ କରେ । ଏହାଦ୍ୱାରା କେଶର ଶୋଭା ବୃଦ୍ଧି ହୁଏ ଏବଂ କେଶ ଉଠିଯାଉଥିଲେ ତାହା ବନ୍ଦ ହୁଏ । ଏହା ଅତି ନିର୍ମଳ ଏବଂ ମନୋହର ସୁଗନ୍ଧଯୁକ୍ତ । ଏହା ଚାରିପ୍ରକାର ଏବଂ ମୂଲ୍ୟ ସୁଲଭ:— ସୁବାସିତ କୁନ୍ତଳୀନର ମୂଲ୍ୟ ଏକ ଟଙ୍କା, ପଦ୍ମଗନ୍ଧ କୁନ୍ତଳୀନର ମୂଲ୍ୟ ଦେଢ଼ ଟଙ୍କା, ଗୋଲାପଗନ୍ଧ କୁନ୍ତଳୀନର ମୂଲ୍ୟ ଦୁଇ ଟଙ୍କା, ଜୁଇଗନ୍ଧ କୁନ୍ତଳୀନର ମୂଲ୍ୟ ଦୁଇ ଟଙ୍କା ।

## ପୁଷ୍ପସାର ଅଥବା ଏସେନସ ।

ସଦ୍ୟ ପ୍ରସ୍ଫୁଟିତ ନାନାବିଧ ସୁରଭି ପୁଷ୍ପର ସାର ସଂଗ୍ରହ କରାଯାଇ ଏହି ଉତ୍ତମ ପ୍ରକାର ଏସେନ୍ସ ପ୍ରସ୍ତୁତ କରାଯାଇଅଛି । ଏଥିର ସୁବାସ ମନୋମୁଗ୍ଧକର । ନାମ—ଯୁଥିକା; ମଲ୍ଲିକା; କାମିନୀ; ରଜନୀଗନ୍ଧା; ମଲ୍ଲିକା; ହେଲିଓଟ୍ରୋପ; ହ୍ୱାଇଟ୍ ରୋଜ୍; ବସନ୍ତ ରୋଜ୍; ବେଣାଡେଲ; କୁମୁଦିନୀ; ମିଲ୍‌କୁସୁମ; ହେନାକୁସୁମ; ପାରଜାତ କୁସୁମ; ଇଙ୍ଗ୍ଲିସ୍ ବୋକେ । ମୂଲ୍ୟ ଏକଟିଣି ଏକଟଙ୍କା ମାତ୍ର ।

## ଲ୍ୟାଭେଣ୍ଡର ।

କସ୍ତୁରୀ ଲ୍ୟାଭେଣ୍ଡର ଦେଢ଼ଟଙ୍କା । ଲ୍ୟାଭେଣ୍ଡର ଓ୍ୱାଟର ବଡ଼ଶିଶି ଚଉଦଅଣା, ସାନଟିଣି ସାତଅଣା ।

## ପମେଟମ ।

ଗୋଲାପି ପମେଟମ ଆଠଅଣା; ସୁଗନ୍ଧ ପମେଟମ ପାଞ୍ଚଅଣା ।

## ତାମ୍ବୁଲୀନ ।

ପାନ ସୁବାସିତ ଓ ସୁସ୍ୱାଦ କରିବାର ଅପୂର୍ବ ସାମଗ୍ରୀ । ଗୁଣ୍ଡ ସଙ୍ଗରେ ଉତ୍ତମ ମିଶାଇ ଦେଲେ ଗୁଣ୍ଡ ମନକଡ଼ିବ । ମୂଲ୍ୟ ପ୍ରତି ଟିଣି ଆଠଅଣା ।

## ସରବତ ଅଥବା ସିରପ ।

ଗ୍ରୀଷ୍ମକାଳ ନିମନ୍ତେ ଏହାଠାରୁ ଉତ୍କୃଷ୍ଟ ଆଉ ନାହିଁ ।

ଲେମନ ସିରପ୍ ବାରଅଣା । ଅରେଞ୍ଜ ସିରପ୍ ବାରଅଣା । ଅନେଞ୍ଜ ସିରପ୍ ବାରଅଣା । ରୋଜ ସିରପ୍ ଏକଟଙ୍କା । ଗୋଲ୍‌ଡନ ସିରପ୍ ଏକଟଙ୍କା ।

## ଗୋଲାପଜଳ ।

ପ୍ରତି ଶିଶି ଦେଢଟଙ୍କା ।

ପତ୍ର ଲେଖିଲେ ଡାକଦ୍ୱାରା ବା ରେଲଦ୍ୱାରା ଜିନିଷ ପଠାଯାଏ । ଭାରତବର୍ଷର ପ୍ରଧାନ ପ୍ରଧାନ, ମହାରାଜା ଓ ରାଜା ଓ ବଡ଼ ବଡ଼ ରାଜକର୍ମଚାରୀମାନଙ୍କଦ୍ୱାରା ଏହି ଦ୍ରବ୍ୟମାନ ବ୍ୟବହୃତ ଏବଂ ବିଶେଷରୂପେ ପ୍ରଶଂସିତ । ପଇକା ଓ ଛୋଟ ବଡ଼ା ମୂଲ୍ୟରେ ପଠାଯାଏ ।

ଠିକଣା:—

| | |
|---|---|
| ଏଚ ବସୁ<br>୬୨ ନମ୍ବର ବହୁବଜାର ଷ୍ଟ୍ରିଟ<br>କଲିକତା | H. BOSE,<br>62 Bow Bazar<br>Street<br>Calcutta. |

କଟକରେ "ଉଦ୍ୟୋଗ ସମିତିର ଭଣ୍ଡାର"ରେ ଏହି ଜିନିଷ ମିଳିବ ।

---

ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ
ଧାଡ଼ିପ୍ରତି ଟ ୦ ୵
ଅଧସ୍ତମ୍ଭକୁ ଟ ୨ ୮
ପୂର୍ଣ୍ଣ ଏକ ସ୍ତମ୍ଭକୁ ଟ ୫ ୧

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ହେଁ ତାହାର ଖର୍ଚ୍ଚ ଟ ୦ ୪ ଚାରି ଅଣାରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମ ଥରର ଦେଢ଼ା ଓ ଦୁଇଗୁଣ ଯଥାକ୍ରମେ ହେବ

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇ ଦେବାକୁ ହେବ ।

---

ଏହି ଉତ୍କଳଦୀପିକା କଟକ ନଗର ଉଡ଼ିଆବଜାର ସ୍ଥିତ କଟକ ପ୍ରିଣ୍ଟିଂ କମ୍ପାନୀ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

REGISTERED No. ...
Split by PDF Splitter

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଭାଗ ୩୫
ସଂଖ୍ୟା ୫୦

ତା ୨୧ ଡିସେମ୍ବର ସନ ୧୯୦୦ ମସିହା । ୮ । ଖ ୧୬ ? ପୌଷ ସନ ୧୩୦୮ ସାଲ ଶନିବାର

ଅଗ୍ରିମ ଟ ୩୲
ପଶ୍ଚାଦ୍ଦେୟ ଟ ୬୲


ORISSA ART WARES.



The automatic OTTORDAN with GOLABPAS and PANDAN combined is a patent. The plate is meant for pan the roses are receptacles of OTTER and the peacock throws out the rose water automatically when a button is pressed. The roses and the peacock have gold stars. The plate and the roses can be removed and the plate can be used for other purposes.

Pricel Rs. 40
Apply to Manager Orissa Art Wares Mission Road Cuttack.

" ଓଡ଼ିଶା ଶିଳ୍ପାଗାର "

କଲହାଟ ରୂପର ଉପରେ ଖୋଦିତ ଚହିଁରେ ପାନଦାନ, ଅତରଦାନ ଓ ଗୋଲାବପାସ ଏକାଧାରରେ ରହିଅଛି, ଗୋଟିଏ ନୂତନ ଝରଦାଣ୍ଡି ସକଳ ଶ୍ରାପ୍ତ ପଦାର୍ଥ ଅଟେ । ଏହାର ଥାଲୀଟି ପାନଦାନ, ଗୋଲାବ ଫୁଲମାନ, ଅତରର ଆଧାର ଓ ସର୍ବୋପରେ ଗୋଟିଏ ସୁନ୍ଦର ମୟୂର ବସିଅଛି ଯେ ତହିଁ ତଳେ ଏକ ସ୍ଥାନରେ ଲଗିଥିବା ଭୁଣ୍ଡି ଟିପିଲେ ମୟୂର ମୁଖରୁ ଗୋଲାପଜଳ ନିଃସୃତ ହୁଏ, ମୟୂର ପୁଚ୍ଛରେ ଓ ଗୋଲାବ ଫୁଲ ପାଖୁଡ଼ାମାନଙ୍କରେ ସୁନାର ତାରମାନ ଖଞ୍ଜା ହୋଇଅଛି । ଯିହାମଣେ ଥାଳୀ ଓ ଅତରଦାନ ସବୁ ଭିନ୍ନ କରାଯାଇ ପାରେ ଏବଂ ଥାଳର ଅନ୍ୟ ବ୍ୟବହାର ହୋଇ ପାରେ ।

ମୂଲ୍ୟ ଟ ୧୪୦୧ ଙ୍କା

ଗ୍ରାହକମାନେ ଓଡ଼ିଶା ଶିଳ୍ପାଗାରର ମାନେଜର । ସା । ମିଶନ ରୋଡ଼ କଟକ ନିକଟରେ ତତ୍ତ୍ୱ ନେଲେ ପାଇ ପାରିବେ ।

## ବିଜ୍ଞାପନ ।

## ନୂତନ ପଞ୍ଜିକା ।

ଶକାବ୍ଦା ୧୮୨୩ ସନ ୧୩୦୮ ଓ ୧୩୦୯ ଇଂରାଜୀ ସନ ୧୯୦୧ ଓ ୧୯୦୨ ପୂର୍ବପର କଟକ ପ୍ରିଣ୍ଟିଂକମ୍ପାନିଙ୍କଦ୍ୱାରା ପ୍ରକାଶିତ ହୋଇ ବିକ୍ରୟ ହେଉଅଛି ।

| | |
|---|---|
| ବଡ଼ | ଟ ୦ । |
| ଛୋଟ | ଟ ୦ ୧୬ |

ମୋଫସଲ ଜିମନ୍ତେ ଡାକମାସୁଲ ଟ ୦ /୧ ଯେଉଁମାନଙ୍କର ରେଲ କମ୍ପା ଷ୍ଟିମାରଦ୍ୱାରା ନେବାର ସୁବିଧା ଅଛି ସେମାନେ ଲେଖିଲେ ସେହି ଅନୁସାରେ ପଠାଯିବ ।

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟରୀ ।


ଊନବିଂଶ ଶତାବ୍ଦୀର ଶେଷଭାଗ ଉପସ୍ଥିତ । ଆମ୍ଭମାନଙ୍କର ଉତ୍କଳଦୀପିକା ଆଉ ଏ ଶତାବ୍ଦୀକୁ ଦେଖିବ ନାହିଁ । ସୁତରାଂ ଆମ୍ଭେମାନେ ଶତାବ୍ଦୀଠାରୁ ଚୁଲବନ ଆଗରୁ ବଦାୟ ଗ୍ରହଣ କଲୁଁ । ଯାହାଙ୍କ କୃପାରେ ଦିନ, ମାସ, ବର୍ଷ, ଶତାବ୍ଦୀମାନ ଚକ୍ରବତ୍ ଭ୍ରମଣ କରୁଅଛି ସେହି ଜଗତ୍‌କର୍ତ୍ତା ହର୍ତ୍ତା ବିଧାତା ପରମେଶ୍ୱରଙ୍କ ଶ୍ରୀ ଚରଣରେ ପ୍ରେମ ଓ ଭକ୍ତି ଉପହାର ଦେଇ, ଆଗାମୀ ଶତାବ୍ଦୀର ମିଳନ ଆଶାରେ ଉତ୍କଳଦୀପିକାର ଗ୍ରାହକ ଅନୁଗ୍ରାହକ ଓ ଅନ୍ୟ ବନ୍ଧୁମାନଙ୍କର ମଙ୍ଗଳ କାମନା କରୁଅଛୁଁ ।

—o0o—

Digitized by srujanika@gmail.com

Split by PDF Splitter



ଗତନଭେମ୍ବର ତା ୧୯ ଋଖରେ ଶେଷହେବା ସପ୍ତାହରେ ଦୁର୍ଭିକ୍ଷ ସାହାଯ୍ୟପାଇବା ବ୍ୟକ୍ତିଙ୍କ ସଂଖ୍ୟା ପୂର୍ବସପ୍ତାହରୁ ୧୯,୨୬୩ ଊଣା ହୋଇ ୨ଲକ୍ଷ ୨୭ହଜାରରେ ରହିଥିଲା । ତହିଁମଧ୍ୟରୁ ବମ୍ବେଇପ୍ରଦେଶ ଏବଂ ତଦନ୍ତର୍ଗତ ଦେଶୀୟ ରାଜ୍ୟର ଦୁର୍ଭିକ୍ଷ ପୀଡିତଙ୍କର ସଂଖ୍ୟା ଦୁଇଲକ୍ଷ ୭ହଜାରରୁ ଊର୍ଦ୍ଧ୍ୱ ଘଟେ । ଅନ୍ୟାନ୍ୟ ସ୍ଥାନର ଦୁର୍ଭିକ୍ଷ କମା ହେଉଅଛି ଜଣାଯାଏ ।

———

ବମ୍ବେଇର ଜଣେ ହିତୈଷୀ ଯୁବା ବ୍ୟବସାୟୀ ମିଶର ରାଜ୍ୟରୁ କପା ତୁଳା କିଣି ଆଣି ବମ୍ବେଇରେ କଳଦ୍ୱାରା ଏମନ୍ତ ସୂତା ପ୍ରସ୍ତୁତ କରିବାକୁ ସକ୍ଷମ ହୋଇଅଛନ୍ତି ଯେ ତାହା ମାଞ୍ଚେଷ୍ଟର କଳର ବଳାଣ ସୂତାଠାରୁ ସକଳ ବିଷୟରେ ଅଧିକତର ଉପଯୋଗୀ ଅଥଚ ଦର ସସ୍ତା ହୋଇଅଛି । ସମ୍ବାଦପତ୍ରରେ ଏ କଥା ପାଠ କରି କେଉଁ ଭାରତବାସୀ ଆନନ୍ଦିତ ନ ହେବ ? ସେହି ଯୁବା ବ୍ୟବସାୟୀଙ୍କ ଚେଷ୍ଟା ସଫଳ ହେଉ ଆମ୍ଭେମାନେ ଏହି କାମନା କରୁଅଛୁଁ । ବାସ୍ତ ଶିଳ୍ପ ଦ୍ରବ୍ୟରେ ବିଲାତ ସଙ୍ଗେ ପ୍ରତିଯୋଗିତାରେ ସଫଳ ହୋଇ ନ ପାରିଲେ ଭାରତର ଦୁର୍ଦ୍ଦଶା ମେଣ୍ଟିବ ନାହିଁ ।

———

ନୌରୋଜୀଜୀବାନଜୀପେଟିଟଙ୍କ ବିଧବା ପତ୍ନୀ ବାଇସାନବାଇ ବମ୍ବେଇ ସହରରେ ଜନସାଧାରଣଙ୍କର ବ୍ୟବହାର ନିମନ୍ତେ ଗୋଟିଏ ଗୃହ ନିର୍ମାଣ କାରଣ ୫ ଲକ୍ଷ ଟଙ୍କା ମିଉନିସିପାଲ କମିଶନରମାନଙ୍କ ହାତ କରିବାର ପ୍ରସ୍ତାବ କରିଥିଲେ । ମିଉନିସିପାଲିଟି କହନ୍ତି କି ସକଳପ୍ରକାର ଆଇନସଙ୍ଗତ ସଭା ସେ ଗୃହରେ ହୋଇପାରିବ ମାତ୍ର କର୍ତ୍ତୃତ୍ୱଭାର ସମ୍ପୂର୍ଣ୍ଣରୂପେ ମିଉନିସିପାଲିଟି ହାତରେ ରହିବ ଏହାପରା ହେଲେ ମିଉନିସିପାଲିଟି ଗୃହ ନିର୍ମାଣ ଏବଂ ରକ୍ଷଣାବେକ୍ଷଣର ଭାର ନେବେ । ମାତ୍ର ବାଇଙ୍କର ବର୍ତ୍ତମାନ ଉତ୍ତରାଧିକାରୀ ବାଇ ଅବାବାଇ କହନ୍ତି କି ଉକ୍ତ ଘର ଗୋଟିଏ ସ୍ୱତନ୍ତ୍ର କମିଟି ହାତରେ ରହିବ ଏବଂ ସେହି କମିଟିରେ ମିଉନିସିପାଲିଟିର ପ୍ରତିନିଧି ରହିବେ । ଏହି ସାମାନ୍ୟ କାରଣରେ ଏମନ୍ତ ପ୍ରଶସ୍ତ ଦାନକୁ ମିଉନିସିପାଲିଟିର ଉପେକ୍ଷା କରିବା ଉଚିତ କି ?

— ✱ —

ବଙ୍ଗାଲ ନାଗପୁର ରେଲବାଟ ହାବଡ଼ା ପର୍ଯ୍ୟନ୍ତ ଫିଟିବାରୁ କଲିକତାଠାରୁ ମାନ୍ଦ୍ରାଜ ଓ ବମ୍ବେଇକୁ ସଳଖ ବାଟ ଫିଟିଯାଇଅଛି । ଇଷ୍ଟ ଇଣ୍ଡିଆ ରେଲବେଦ୍ୱାରା ଜବଲପୁରବାଟେ କଲିକତାରୁ ବମ୍ବେଇକୁ ଯିବାକୁ ମା ୧୩୪୯ ମାଇଲ ଭ୍ରମଣ କରିବାକୁ ହେଉଅଛି । ମାତ୍ର ବଙ୍ଗାଲ ନାଗପୁର ରେଲବେଦ୍ୱାରା କେବଳ ମା ୧୨୨୯ ମାଇଲ ପଡୁଅଛି । କଲିକତାରୁ ମାନ୍ଦ୍ରାଜ ପର୍ଯ୍ୟନ୍ତ ବଙ୍ଗାଲ ନାଗପୁର ଏବଂ ଇଷ୍ଟକୋଷ୍ଟ ରେଲଦ୍ୱାରା ଯେଉଁ ବାଟ ଫିଟିଲା ତହିଁର ଦୂରତା ମା ୧୦୨୨ ମାଇଲ ଅଟେ । ବର୍ତ୍ତମାନ ଘ ୪୧ ଘଣ୍ଟାରେ ମେଲ ଟ୍ରେନ ଯାଉଅଛି ମାତ୍ର ବାଲେଶ୍ୱର ଓ ବାରିପଦା ମଧ୍ୟରେ ଯେ ସବୁ ସ୍ଥାନରେ ରେଲବାଟ ଭାଙ୍ଗି ଯାଇଥିବାରୁ ନୂଆ ମାଟି ପଡ଼ିଅଛି ସେ ସବୁ ଶକ୍ତ ହୋଇ ଟାଣ ହୋଇ ବହିଗଲେ ଘ ୩୦ ଘଣ୍ଟାରେ ମେଲ ଟ୍ରେନ ଯାତାୟାତ କରିବ । ତାହାହେଲେ କଲିକତାରୁ ମନ୍ଦ୍ରାଜକୁ ଘ ୮୦।୯୦ ଘଣ୍ଟା ଲାଗୁଅଛି ।

———

ଗତ ଶନିବାର ସକାଳେ ଏଠା କଲେଜ ଗୃହରେ ଫଳ ଫୁଲ ପ୍ରଦର୍ଶନୀ ବିଷୟରେ ଏକ ସଭା ହୋଇଥିଲା ଏବଂ ଏ ଜିଲ୍ଲାର କଲେକ୍ଟର ହେୱାର୍ଡ ସାହେବ ସଭାପତିର ଆସନ ଗ୍ରହଣ କରିଥିଲେ । ଗତ ପ୍ରଦର୍ଶନୀରେ କେତେକ ଭଦ୍ରଲୋକଙ୍କ ନିକଟକୁ ଅମନ୍ତ୍ରଣପତ୍ର ଓ କେତେକଙ୍କ ନିକଟକୁ ପ୍ରବେଶର ଟିକଟ ପଠାଯାଇଥିବାରେ ଶିକ୍ଷିତ ଭଦ୍ରଲୋକମାନେ କି ସେମାନଙ୍କ ମଧ୍ୟରୁ କେତେଜଣ ବଡ଼ ଚାକିରୀଆ ଅପମାନ ବୋଧ କରି ପ୍ରଦର୍ଶନୀ ଦେଖିବାକୁ ଯାଇ ନ ଥିଲେ । ଏହି ପ୍ରସଙ୍ଗ ସଭାରେ ଉପସ୍ଥିତ ହେବାରେ ବାବୁ [illegible] ନାୟକ ଗତ ପ୍ରଦର୍ଶନୀର କମିଟି ପକ୍ଷରୁ ସେ ବିଷୟରେ ତ୍ରୁଟି ହୋଇଥିବାର ସ୍ୱୀକାର କରି ଦୁଃଖ ପ୍ରକାଶ କଲେ ଏବଂ ସେ ତ୍ରୁଟି ଇଚ୍ଛାପୂର୍ବକ ନ ହୋଇ ଅସାବଧାନତା ପୂର୍ବକ ହୋଇଥିବାର ବ୍ୟକ୍ତ କଲେ । ପ୍ରକାଶ୍ୟ ସଭାରେ ତ୍ରୁଟି ସ୍ୱୀକୃତ ହେବା ସ୍ଥଳେ ଆଶା କରୁଅଛୁ ଯେଉଁମାନଙ୍କର ଗତ ଥର ବ୍ୟବହାରରେ ମନରେ କଷ୍ଟ ହୋଇଥିଲା ସେମାନେ ସେ କଥା ଆଉ ମନରେ ଧରିବେ ନାହିଁ । ପରନ୍ତୁ ଏ ପ୍ରକାର ତ୍ରୁଟି ନିବାରଣ ନିମନ୍ତେ ଏହି ଦସ୍ତୁର ସମ୍ବତ୍ସରର ସଭାରେ ଧାର୍ଯ୍ୟ ହେଲା କି ଯେଉଁମାନେ ଚାନ୍ଦା ଦେବେ ସେମାନେ ସପରିବାରେ ବିନା ମୂଲ୍ୟରେ ପ୍ରଦର୍ଶନୀ ଦେଖି ପାରିବେ । ଚାନ୍ଦାର ପରିମାଣ ଏକ ଟଙ୍କାରୁ ଊଣା ହେବ ନାହିଁ ଏବଂ ଅନ୍ୟମାନେ ଏକଟଙ୍କା ମୂଲ୍ୟର ଟିକଟ କିଣିଲେ ପ୍ରଦର୍ଶନୀ ଦେଖିବାର ସୁବିଧା ପାଇବେ । ଏ ନିୟମ ପ୍ରଥମ ଦିନ ସକାଶେ ଅଟେ । ୨ୟ ଦିନ ବିନା ମୂଲ୍ୟରେ ସର୍ବସାଧାରଣ ଦେଖି ପାରିବେ ।

———

ଭାରତବର୍ଷରେ କ୍ଷେତକୁ ଜଳ ଯୋଗାଇବା ଅଥବା ନୌ ଗମନାଗମନ ଅଭିପ୍ରାୟରେ ସରକାର ଯେ ସମସ୍ତ ନାଳ ଖୋଳାଇଅଛନ୍ତି ସେ ସମସ୍ତ ଦୁଇଭାଗରେ ବିଭକ୍ତ ଅର୍ଥାତ୍ ବୃହତ୍ ଏବଂ କ୍ଷୁଦ୍ର । ବୃହତ୍ ନାଳମାନଙ୍କର ଆୟରୁ ସେ ସମସ୍ତ ସଂରକ୍ଷଣର ସମସ୍ତ ବ୍ୟୟ ଏବଂ ମୂଳଧନର ସୁଧ ଶୁଝିତ ଯାଇ ଖ୍ରୀ ୧୮୯୭।୯୮ ରେ ଟ ୧୦,୭୨,୭୩୧୨ଙ୍କା ଏବଂ ଖ୍ରୀ ୧୮୯୮।୯୯ ସାଲରେ ଟ ୯,୬,୦୨୧ଙ୍କା ନଫା ଲାଭ ହୋଇଥିଲା । ପ୍ରଥମଲିଖିତ ବର୍ଷରେ ମଲୁଡକେକୁ କୃଷକମାନେ ନାଳଜଳ ଅଧିକ ଲୋଡ଼ିଥିଲେ ଏବଂ ସେ ବର୍ଷ ନାଳକର ଏତେ ଅଦାୟ ହୋଇଥିଲା ଯେ ପୂର୍ବେ କେବେ ତେତେ ହୋଇ ନ ଥିଲା । ଶେଷଲିଖିତ ବର୍ଷର ଆୟ ତହିଁରୁ ଊଣା ହେଲେହେଁ ତହିଁ ପୂର୍ବର ଆଉ ସମସ୍ତ ବର୍ଷର ଆୟଠାରୁ ଅଧିକ ଅଟେ ଏବଂ ଏଥିରୁ ସ୍ପଷ୍ଟ ଜଣାଯାଉଅଛି ଯେ ନାଳଜଳର ଉପକାରିତା ସର୍ବସାଧାରଣ ବୁଝିପାରୁଅଛନ୍ତି । ମଧ୍ୟପ୍ରଦେଶର ନାଳମାନ ସମାନ ଲାଭଜନକ ନୁହେ । ଗତ ଦୁଇବର୍ଷରେ ପଞ୍ଜାବପ୍ରଦେଶର ନାଳ ସମୂହ ସର୍ବାପେକ୍ଷା ଅଧିକ ଲାଭଜନକ ଏବଂ ମାନ୍ଦ୍ରାଜ, ଉତ୍ତର ପଶ୍ଚିମ ଏବଂ ବମ୍ବେଇ ଯଥାକ୍ରମେ ତହିଁର ତଳ ଅଟନ୍ତି । ଦୁଃଖର ବିଷୟ ବଙ୍ଗପ୍ରଦେଶର ନାଳ ଶ୍ରେଣୀରୁ ଲାଭ ହେଉ ନାହିଁ ଏବଂ ତହିଁର ଏହି କାରଣ ପ୍ରଦର୍ଶିତ ହୋଇଅଛି କି ଚିରସ୍ଥାୟୀ ବନ୍ଦୋବସ୍ତ ହେତୁ ଭୂମି ରାଜସ୍ୱ ବଢ଼ାଇବା ଅସମ୍ଭବ ହୋଇଅଛି । ଆମ୍ଭେମାନେ ଏ ଯୁକ୍ତିର ପ୍ରକୃତତା ବୁଝି ପାରୁ ନାହୁଁ କାରଣ ଓଡ଼ିଶାରେ ଚିରସ୍ଥାୟୀ ବନ୍ଦୋବସ୍ତ ପ୍ରଚଳିତ ନାହିଁ । ତେବେ ଏପ୍ରଦେଶର ନାଳମାନ ଲାଭଜନକ କାହିଁକି ହେଉ ନାହିଁ ?

କ୍ଷୁଦ୍ର ନାଳ ସମୂହର ନଫା ଲାଭ ସନ ୧୮୯୭। ୯୮ ସାଲରେ ଟ ୩,୪୧,୮୧୮ଙ୍କା ଏବଂ ସନ ୧୮୯୮।୯୯ ସାଲରେ ଟ ୩,୦୮,୫୭୭୮ଙ୍କା ହୋଇଥିଲା । ଏସବୁ ନାଳ ନିର୍ମାଣର ମୂଳଧନ ସାଧାରଣ ରାଜସ୍ୱରୁ ଦିଆଯାଇଥିବାରୁ ତହିଁ ଉପରେ ସୁଧ ପଡ଼େ ନାହିଁ ମାତ୍ର ନଫା ଲାଭ ପରିମାଣ ସୁଧଠାରୁ ଅଧିକ ଅଟେ । ସୁତରାଂ ମୋଟରେ ଉଭୟ ଶ୍ରେଣୀର ନାଳ ଲାଭଜନକ ହୋଇଅଛି ।

———

Digitized by srujanika@gmail.com

Split by PDF Splitter



### ଯୁଦ୍ଧ ସମ୍ବାଦ ।

ବୁଅରମାନେ ବର୍ତ୍ତମାନ୍ କେପକଲନି ଆକ୍ରମଣ କରିବା ଯୋଗାଡ଼ରେ ଅଛନ୍ତି ।

ବ୍ରିଟିସ ସୈନ୍ୟ ଦଳ ଯଥେଷ୍ଟ ନ ଥିବାର ପ୍ରକାଶ ପାଉଅଛି । ବୁଅରମାନେ ମାଡ଼ିଉଠିବା ଦେଖି ଲୋକମାନେ ଆନନ୍ଦରେ ମାତି ଉଠିଛନ୍ତି । ଜୁଟପାନ୍ସ ତ୍ରିଫଣ୍ଟରୁ ଯେଉଁମାନେ ଅଗ୍ରସର ହେଉଅଛନ୍ତି ସେମାନେ ଉପନିବେଶୀ ଅଟନ୍ତି ସେମାନେ ବୁଅର ନୁହନ୍ତି ।

ଜାନୁଏରୀ ମାସ ପ୍ରାରମ୍ଭରେ ୫୦୦୦ ପଦାତିକ ଓ ୮୦୦୦ ଅଶ୍ୱାରୋହୀ ଦକ୍ଷିଣଆଫ୍ରିକା-ଅଭିମୁଖେ ଜାହାଜରେ ଯାତ୍ରା କରିବେ ।

ଲର୍ଡ କିଚନର ବୁଅରମାନଙ୍କୁ ଦମନ କରିବା ମନ୍ତ୍ରେ ଡିଅରଠାରେ ଉପସ୍ଥିତ ହୋଇଅଛନ୍ତି । ବ୍ରିଟିସ ସୈନ୍ୟଙ୍କ ଆଗମନ ଦେଖି ବୁଅରମାନେ ପଶ୍ଚାତ୍ପଦ ହେଉଅଛନ୍ତି । ଥର୍ଣ୍ଣଡେଲଠାରେ ବ୍ରିଟିସ ସେନାପତି କ୍ଲେମେଣ୍ଟ ବୁଅର ସେନାପତି ସହ ଯୁଦ୍ଧରେ ବ୍ୟାପୃତ ଥିଲେ ବୁଅର ସୈନ୍ୟ ତିନି ସହସ୍ର ଥିଲେ । ବୁଅରମାନେ ପରାସ୍ତ ହୋଇ ଶାବରେ ଆତ୍ମରକ୍ଷା କରିଥିଲେ । ବ୍ରିଟିସ ସେନାପତି ମେଥୁ ସେଠାରେ ପହଞ୍ଚି ପଳାତକ ବୁଅରମାନଙ୍କୁ ସମ୍ପୂର୍ଣ୍ଣରୂପେ ପରାସ୍ତ କରିଥିଲେ ।

ଲର୍ଡ ରବର୍ଟ ବର୍ତ୍ତମାନ୍ ସମୁଦ୍ରରେ ବାହାରେ ଅଛନ୍ତି । ସେ ବର୍ତ୍ତମାନ୍ କ ପ୍ରକାର ମାନ୍ୟ ପାଇବେ ସେଥିପାଇଁ ବିଲାତବାସିମାନେ ବଡ଼ ଉଦ୍‌ବେଗରେ ଅଛନ୍ତି । ବିଶ୍ୱସ୍ତସୂତ୍ରରୁ ଜଣାଯାଉଅଛି ଯେ ଲର୍ଡ ରବର୍ଟ ଡିଉକ ଉପାଧି ପ୍ରାପ୍ତ ହେବେ ଓ ୧୫ ଲକ୍ଷ ମୁଦ୍ରାର ପୁରସ୍କାର ପ୍ରଦାନର ପ୍ରସ୍ତାବ ପାର୍ଲିୟାମେଣ୍ଟର ଆଗାମୀ ଅଧିବେଶନରେ ଉଠିବ ହେବ ।

---

### ରାଜକୁମାରମାନଙ୍କର ଶିକ୍ଷା ।

ମହାମାନ୍ୟ ଗବର୍ଣ୍ଣରଜେନେରଲ ଲର୍ଡ କର୍ଜନ ବାହାଦୁର ଗତମାସରେ କାଥିୟାବାଡ଼ ରାଜ୍ୟ ଭ୍ରମଣ ସମୟରେ ରାଜକୋଟଠାରେ ସ୍ଥାପିତ ରାଜକୁମାର କଲେଜ ପରିଦର୍ଶନ କରି ଯେଉଁ ଅମୂଲ୍ୟ ଉପଦେଶ-ପୂର୍ଣ୍ଣ ବକ୍ତୃତା ପ୍ରଦାନ କରିଥିଲେ ତହିଁରୁ ନିମ୍ନଲିଖିତ ଅଂଶଟି ଉଦ୍ଧାର କଲୁଁ ଯଥାଃ-

"ରାଜକୁମାର ଛାତ୍ରମାନେ ସ୍ୱ ଜାତୀୟତ୍ୱ ଲୋପ କରିବେ, ପ୍ରାଚୀନ ସଂସ୍କାର ଓ ବିଶ୍ୱାସ ପରିହାର କରିବେ ଏରୂପ ଭାବରେ ଶିକ୍ଷା ଦାନ କରିବା ଏହି କଲେଜର ଉଦ୍ଦେଶ୍ୟ ନୁହେ ବେଳେ ଅମ୍ଭେ ନହୁଁ ଯେ ସେଥିପାଇଁ ଏଠାରେ ଶର୍ଙ୍କ ହେବା ଉଚିତ ନୁହେ । ଯେମନ୍ତ ଇଂରାଜ ସ୍ୱଭାବର ଭାରତବାସୀ ତେମନ୍ତ ଭାରତୀୟ ସ୍ୱଭାବର ଇଂରେଜ କେହି ଆମ୍ଭର ପ୍ରୀତିପଦ ନୁହେ । ଉଭୟେ ଏକ ଅସ୍ୱାଭାବିକ ପ୍ରକାରର ସଙ୍କର ଅଟନ୍ତି । ଆମ୍ଭେମାନେ ଇଚ୍ଛୁ ଏହି କଲେଜର ଛାତ୍ରମାନେ ଇଂରାଜଭାଷା ଶିକ୍ଷା କରି ଇଂରେଜମାନଙ୍କ ସ୍ୱଭାବନୀତି, ସାହିତ୍ୟ ଜ୍ଞାନ, ଚିନ୍ତା ଚଳାଇବାର ପ୍ରଣାଳୀ, ସତ୍ୟପ୍ରିୟତା, ଆତ୍ମସମ୍ମାନ ଜ୍ଞାନ, ପୁରୁଷୋଚିତ କ୍ରୀଡ଼ା କୌତୁକାଦି ଉତ୍ତମରୂପେ ଜାଣିପାରିବେ ଏବଂ ସଂସାରରେ ପ୍ରବେଶ କରି ନିର୍ଣ୍ଣୟ ନ ରହି ଜଗତରେ ଆପଣାର ମର୍ଯ୍ୟାଦା ରକ୍ଷା କରିବାକୁ ସମର୍ଥ ହେବେ, ଏବଂ ଭବିଷ୍ୟତରେ ଯେବେ ରାଜ୍ୟାଧିକାର ପ୍ରାପ୍ତ ହୋଇ ପ୍ରଜାମାନଙ୍କୁ ସୁସଭ୍ୟ ନିର୍ଦ୍ଦୋଷ ଶାସନର ସୁଫଳ ପ୍ରଦାନ କରିବେ । ଯେଉଁ ରାଜକୁମାରମାନେ ରାଜା ହେବେ ସେମାନଙ୍କୁ ଇଂରେଜ ଜାତିର ଶାସନ କରିବାକୁ ହେବ ନାହିଁ ମାତ୍ର ଭାରତବାସୀ ପ୍ରଜାମାନଙ୍କର ଶାସନ କରିବାକୁ ହେବ । କୌଣସି ରାଜାଙ୍କୁ ପ୍ରଭୁତ୍ୱ ସମ୍ପନ୍ନ ହୋଇ ରାଜା ଉପଯୁକ୍ତ ହେବାକୁ ହେଲେ ପ୍ରଜାମାନଙ୍କ ସହିତ ତାହାଙ୍କୁ ମମତାରେ ମିଶିବା ଉଚିତ । ଅତଏବ ସ୍ପଷ୍ଟ ବୁଝାଯାଉଅଛି ଯେ, କେବଳ ଇଂରାଜମାନଙ୍କର ଆଦର୍ଶ ନେଇ କାର୍ଯ୍ୟ କଲେ ଫଳ ହେବ ନାହିଁ । ପାଶ୍ଚାତ୍ୟ ଆଦର୍ଶର ସହିତ ପ୍ରାଚ୍ୟ ଆଦର୍ଶର ସାମଞ୍ଜସ୍ୟ ରଖି କାର୍ଯ୍ୟ କଲେ ସୁଫଳ ଲାଭର ଆଶା କରାଯାଇପାରେ"।

ଦେଶୀୟ ରାଜାମାନେ ସ୍କୁଲରେ ପଢ଼ି ସାହେବ ପାଲଟି ଯିବା ସମ୍ବନ୍ଧରେ ମାନ୍ୟବର ମହୋଦୟଙ୍କର ଉପରଲିଖିତ କଥାମାନ ଅତି ମୂଲ୍ୟବାନ୍ ସନ୍ଦେହ ନାହିଁ । ମାତ୍ର ସେ ଅବଶ୍ୟ ବୁଝିଥିବେ ଯେ ଏହି ସଙ୍କରତ୍ୱ ଅନେକ ସ୍ଥଳେ ଗବର୍ଣ୍ଣମେଣ୍ଟ କର୍ମଚାରୀଙ୍କଦ୍ୱାରା ଘଟିଅଛି । ଦେଶୀୟ ରାଜାଙ୍କ ଶିକ୍ଷକ ଏବଂ ରାଜକାର୍ଯ୍ୟ ନିର୍ବାହକ ମାନେଜର ପଦରେ ଗବର୍ଣ୍ଣମେଣ୍ଟ ଦେଶୀୟ ଲୋକଠାରୁ ଇଂରାଜଙ୍କୁ ଶ୍ରେଷ୍ଠ ମନେ କରି ନିଯୁକ୍ତ କରନ୍ତି ଏବଂ ବାଲ୍ୟକାଳରୁ ସେମାନଙ୍କ ସଂସର୍ଗ ହେତୁ ଯାହା ଫଳ ହେବାର ତାହାହିଁ ହେଉଅଛି । ମହାମତି ଲର୍ଡ କର୍ଜନ ବାହାଦୁର ଯେତେବେଳେ ଏହିର ଅନିଷ୍ଟକାରିତା ବୁଝିଅଛନ୍ତି ସେତେବେଳେ ଆମ୍ଭେମାନେ ଅନାୟାସ ଆଶା କରିପାରୁ ଯେ ସେ ଏ ବିଷୟରେ ଉପଯୁକ୍ତ ବ୍ୟବସ୍ଥା କରିବେ ।

---

### ଅନୁଗୁଳର ହତ୍ୟାକାଣ୍ଡ ।

ଅନୁଗୁଳ ଜିଲ୍ଲାର କ୍ରୋମନ ଗ୍ରାମରେ ଜଣେ କୁମ୍ଭାର ତାହାର ସ୍ତ୍ରୀ ଓ ଦୁଇ କନ୍ୟା ସହିତ ଗତ ଜୁଲାଇ ମାସ ତା ୮ ରାତ୍ରରେ ହତ ହୋଇଥିବା ଏବଂ ସେଠା ଲୋକଙ୍କର ଅନୁମାନ ଅନୁସାରେ କୁମ୍ଭାର ଅନ୍ନାଭାବରେ ଆପଣା ସ୍ତ୍ରୀ କନ୍ୟାଙ୍କ ବଧ କରି ନିଜେ ଆତ୍ମହତ୍ୟା କରିଥିବାର ସମ୍ବାଦ ପାଇ ସେହି ଜୁଲାଇ ମାସ ତା ୨୧ ରିଖର ଉତ୍କଳଦୀପିକାରେ ଆମ୍ଭେମାନେ ପ୍ରକାଶ କରିଥିଲୁଁ ଏବଂ ପୋଲିସ ତଦନ୍ତ ଶେଷ ହେଲେ ପ୍ରକୃତ ବୃତ୍ତାନ୍ତ ଜାଣି ପାରିବୁ ବୋଲି ଆଶା କରିଥିଲୁଁ । ସେହି ସମ୍ବାଦ ଛୋଟଲାଟ ସୁପ୍ରସିଦ୍ଧ ସାହେବଙ୍କର ଦୃଷ୍ଟି ଆକର୍ଷଣ କରିବାରେ ସେ ଅନୁଗୁଳର ଡେପୁଟି କମିଶନରଙ୍କଠାରୁ ସେ ବିଷୟର ରିପୋର୍ଟ ତଲବ କଲେ । ଗତ ଅଗଷ୍ଟ ମାସ ତା ୧୭ ରିଖରେ ଅନୁଗୁଳର ପୋଲିସ ସୁପରିଣ୍ଟେଣ୍ଡେଣ୍ଟ ସାହେବ ଆମ୍ଭମାନଙ୍କ ଅଫିସକୁ ଆସି ପତ୍ରପ୍ରେରକମାନଙ୍କର ନାମ ଜାଣିବାକୁ ଇଚ୍ଛା କଲେ । ସେମାନଙ୍କୁ ନ ପଚାରି ନାମ କହିବାକୁ ଆମ୍ଭେମାନେ ଅକ୍ଷମ ହୋଇ ସାହେବଙ୍କୁ ବିଦାୟ ଦେଇ ତହିଁ ଉତ୍ତାରୁ ସେହି ( ଅଗଷ୍ଟ ) ମାସ ତା ୨୪ ରିଖରେ ଏହି ମର୍ମରେ ତାହାଙ୍କ ନିକଟକୁ ପତ୍ର ଲେଖିଲୁଁ ଯେ "ଶସ୍ତ୍ରାଚ୍ଛନ୍ନ ଓଡ଼ିଶା ଏବଂ ଉତ୍ତୋଳିତ ପଶ୍ଚାତ୍ପଦ ଗଡ଼ଜାତରେ ସମ୍ବାଦପତ୍ରର ହିତକାରିତା ଦେଖାଇବା ବଡ଼ କଷ୍ଟକର ଏଥିରେ ସମ୍ବାଦଦାତାଙ୍କ ନାମ ପ୍ରକାଶ ହେଲେ ଯେଉଁ ମନ୍ଦ ଫଳ ହେବ ତଦ୍ୱାରା ସମ୍ବାଦପତ୍ରର ମୂଲ୍ୟ ଅନେକ ଊଣା ହୋଇଯିବ । ବିଶେଷତଃ ଯେଉଁ ବିଷୟଟି ପତ୍ରିକାରେ ପ୍ରକାଶିତ ହୋଇଅଛି ତାହା ସେ ଅନୁମାନର କଥା କୌଣସି ମତେ ନିଶ୍ଚୟାତ୍ମକ ନୁହେ । ସାବଧାନପୂର୍ବକ ଯେ ପଢ଼ିବ ସେ ବୁଝି ପାରିବ ତଥାପି ଯେବେ ଆପଣଙ୍କର ସ୍ଥିର ଧାରଣା ହୋଇଥାଏ ଯେ ତାହା ପ୍ରକୃତ ସମ୍ବାଦ ମୂଳକ ନୁହେ ତେବେ ସେ ବିଷୟରେ ଆପଣ ପ୍ରତିବାଦପତ୍ର ପଠାଇଲେ ଆମ୍ଭେମାନେ ସାଦରେ ପ୍ରକାଶ କରିବୁଁ" ।

ପୂର୍ବ ମାସରୁ ଊର୍ଦ୍ଧ୍ୱ କାଳ ଗତ ହେଲା ଆମ୍ଭେମାନେ କୌଣସି ପ୍ରତିବାଦପତ୍ର ପାଇଲୁ ନାହିଁ ବରଂ କଲିକତା ଗେଜେଟରେ ଦେଖିଲୁଁ ଯେ ଉକ୍ତ ସମ୍ବାଦ ପ୍ରକାଶ ହେବାର ଅଳ୍ପ ଦିନ ପରେ ଅର୍ଥାତ୍ ଅଗଷ୍ଟମାସ ତା ୩ ରିଖଠାରୁ ଅନୁଗୁଳରେ ଦୁର୍ଭିକ୍ଷ ସାହାଯ୍ୟଦାନର ବ୍ୟବସ୍ଥା ହେଲା ଏବଂ ଶତ ଶତ ଲୋକ ସାହାଯ୍ୟକାର୍ଯ୍ୟରେ

Digitized by srujanika@gmail.com

ମୂଲ ଲାଗିବାକୁ ଉପସ୍ଥିତ ହେଲେ । ଯେସ୍ଥଳେ ହତ୍ୟା ଓ ଦୁର୍ଭିକ୍ଷ ଜନ୍ୟ ଘଟନା ସତ୍ୟ ଓ ଲୁମ୍ବାର ଲଗାନ୍ତ ଗଣ୍ଡାଳ ଥିବାର ସତ୍ୟ ଓ ହତ୍ୟାର ଅନ୍ୟ କୌଣସି କାରଣ ପୋଲିସ ଖୋଜି ପାଇବାର ଏପର୍ଯ୍ୟନ୍ତ ଶୁଣା ଯାଇ ନାହିଁ ସେସ୍ଥଳେ ଅନ୍ନ-କଷ୍ଟରେ ଲୋକଟି ସର୍ବଶେଷ ନିଧନ ହେବାର ଅନୁମାନ କପର ଅସଙ୍ଗତ ହେଲା ଅମ୍ଭେମାନେ ବୁଝି ପାରୁ ନାହୁଁ । ବରଂ ଅନ୍ୟ କାରଣ ଦେଖା ନ ଯିବା ପ୍ରତ୍ୟୟେ ତାହାର ନିଷ୍ପତ୍ତି ବୋଧ ହେଉଅଛି । ସେହି ସମ୍ବାଦ ପ୍ରକାଶ ହେବାର ଅଳ୍ପ ଦିନ ପରେ ଦୁର୍ଭିକ୍ଷସାହାଯ୍ୟଦାନର ବ୍ୟବସ୍ଥା ହେବାରୁ ତଦ୍ୱାରା ସାଧାରଣ ଉପକାର ହେବାର ଅବଶ୍ୟ ସ୍ୱୀକାର କରିବାକୁ ହେବ ମାତ୍ର ଅମ୍ଭେ-ମାନେ ଅତ୍ୟନ୍ତ ଦୁଃଖର ସହିତ ଅବଗତ ହେଲୁଁ ଯେ ଜଳପୁଲର ଡେପୁଟି କମିଶନର ଘଟନାର ପ୍ରକୃତ ଅନୁସନ୍ଧାନ ଛାଡ଼ି ଦେଇ ଅମ୍ଭମାନଙ୍କୁ ସମ୍ବାଦ ଦେଲା ସେମାନଙ୍କୁ ଖୋଜିବାରେ ବ୍ୟସ୍ତ ଅଛନ୍ତି ଏବଂ ଆପଣାଅଧୀନସ୍ଥ ନେଟିଭ କର୍ମଚାରୀଙ୍କ ପ୍ରତି ଅକାରଣ ସନ୍ଦେହ କରି ସେମାନଙ୍କଠାରୁ ଉତ୍ତର ଓ ପ୍ରମାଣ ତଲବ କରି ଅକାରଣେ ହଇରାଣ କରୁଅଛନ୍ତି ଏବଂ ସେମାନେ ଆତ୍ମରକ୍ଷା ନିମନ୍ତେ ଅମ୍ଭମାନଙ୍କ ପକ୍ଷ ଲେଖି ବ୍ୟସ୍ତ କରୁଅଛନ୍ତି । ଏଥିରେ ଡେପୁଟି କମିଶନରଙ୍କର କ ସଦଭିପ୍ରାୟ ଅଛି ଅମ୍ଭେମାନେ ବୁଝି ପାରୁ ନାହୁଁ ବରଂ ଏପରି କାର୍ଯ୍ୟ ଦେଖି ଅମ୍ଭମାନଙ୍କ ମନରେ ଏହି ଧାରଣା ହେଉଅଛି ଯେ ଉକ୍ତ ସମ୍ବାଦଟି ସମ୍ବାଦପତ୍ରରେ ପ୍ରକାଶ ହେବାରେ ସେ ଅସନ୍ତୋଷୀ ହୋଇ ଅଛନ୍ତି ଏବଂ ଭବିଷ୍ୟତରେ ଜଳପୁଲର କୌଣସି ସମ୍ବାଦ କୌଣସି ସମ୍ବାଦପତ୍ରରେ ପ୍ରକାଶ କରିବାରୁ ଲୋକଙ୍କୁ ନିରସ୍ତ କରିବା କାରଣ ଭୟ ଦେଖାଉଅଛନ୍ତି । ଯେବେ ଅମ୍ଭମାନଙ୍କର ଏହି ଧାରଣା ଅସଙ୍ଗତ ବୋଧ ହୁଅଇ ତେବେ ଅମ୍ଭମାନଙ୍କର ଏକାନ୍ତ ଅନୁରୋଧ ଯେ ଗଡ଼ଜାତର ସୁପରିଣ୍ଟେଣ୍ଡେଣ୍ଟ ସାହେବ ଏଥିର ତଦନ୍ତ ବିଚାର କରିବେ ।

— — —

## ଇଂରେଜୀ ଟୀକା ।

ଏ ବିଷୟରେ ମାହାଙ୍ଗା ନିବାସୀ ସୁପରିଚିତ ବାବୁ ଜଗନ୍ମୋହନ ଲାଲ ପଟ୍ଟନାୟକ ଲେଖି ତାଙ୍କ ଘରର ଯେ ଦୃଷ୍ଟାନ୍ତ ଦେଇଅଛନ୍ତି ତହିଁ ପ୍ରତି ଜନସାଧାରଣଙ୍କର ମନୋଯୋଗୀ ହେବା ଉଚିତ ଏହେତୁ ସେ ପତ୍ର ଏହିଠାରେ ପ୍ରକାଶ କରାଗଲା ଯଥା —

ବର୍ତ୍ତମାନ ଟୀକା ଦେବାର ନିଯୁକ୍ତ ସମୟ ଅଟେ । ସରକାର ଦେଶୀୟ ଟୀକା ରହିତ କରି ଇଂରେଜୀ ଟୀକା ପ୍ରଚଳିତ କରୁଅଛନ୍ତି ମାତ୍ର ଏଥି ପୂର୍ବେ ଲୋକେ ଯେପରି ପିଲାମାନଙ୍କୁ ଇଂରେଜୀ ଟୀକା ଦେଉଥିଲେ ଓ ତହିଁ ପ୍ରତି ଆଗ୍ରହ ହୋଇ ଆସୁଥିଲେ ସେପରି ଆଗ୍ରହ ଗତ ଦୁଇବର୍ଷ ହେଲା ଦେଖା ନ ଯାଏ ବରଂ ଇଂରେଜୀ ଟୀକା ଅକର୍ମଣ୍ୟ ବୋଲି ଅନେକଙ୍କର ଧାରଣା ହୋଇଅଛି । ଏହେତୁ ଅନେକେ ଗୋପନରେ ଦେଶୀୟ ଟୀକା ଦେଉଅଛନ୍ତି ଓ ଦ୍ୱାରେ ପାଣି ଢାଳିବା ଓ ଦାଣ୍ଡରେ ମଙ୍ଗଳାପୂଜା କରିବା [illegible] କରୁଅଛନ୍ତି ପୁଣି ସେ ଅଞ୍ଚଳର ପୁଲିସ ଓ ଇଂରେଜୀ ଟୀକାଦାରମାନଙ୍କ ପୂର୍ବରୁ ଗୋଟି ହେଇ କରଗତ କରୁଥାନ୍ତି । ବେତନଭୋଗୀ ହେଉ ଟୀକାଦାରମାନେ ଏଥିର କେତେକ ମାମଲା କରି ଦୋଷୀମାନଙ୍କୁ ଦଣ୍ଡରେ ପକାଉଅଛନ୍ତି ଓ ଇଂରେଜୀ ଟୀକାର ସୁବିଧା ଓ ଉପକାରିତା ବିଷୟରେ ଅନେକ ଲୋକଙ୍କୁ ବୁଝାଉଅଛନ୍ତି ତଥାପି ସେମାନଙ୍କର ମନ ମାନୁ ନାହିଁ ଏହେତୁ ଆମ୍ଭ ଘର ଓ ଗ୍ରାମର ଦୃଷ୍ଟାନ୍ତ ଜନସାଧାରଣଙ୍କ ଗୋଚର ଓ ବିଶ୍ୱାସାର୍ଥେ ପ୍ରକାଶ କରିବାର ଆବଶ୍ୟକ ବୋଧ କରୁଅଛୁଁ ।

ଆମ୍ଭେ ଆଠଗଡ଼ଙ୍କ ସରକାର ଏକ ଗଞ୍ଜାରେ ବାସ କରନ୍ତି ସଦରହାଳ ଏକ ଅଟେ । ସୁତରାଂ ଆମ୍ଭ ଗଞ୍ଜାରେ ୧୦।୧୨ ବର୍ଷରୁ ନ୍ୟୂନ ବୟସର ପିଲାପିଲିଙ୍କର ସଂଖ୍ୟା ଅନେକ (ନ ୨୪ ଣ) କେତେକ ମାସ ପୂର୍ବେ ଆମ୍ଭ ଗ୍ରାମରେ ଉଗ୍ର ବସନ୍ତ ରୋଗ ପ୍ରବଳ ହେଲା । ସେ ସମସ୍ତଙ୍କୁ ଉକ୍ତ ପିଲାପିଲିଙ୍କ ମଧ୍ୟରୁ ନ ୧୯ ଣର ଦୁଇଥର ଇଂରେଜୀ ଟୀକା ଦିଆ ହୋଇଥିଲା ଦୁଇଜଣର ଥରେ ହୋଇଥିଲା ନିତାନ୍ତ ଅଳ୍ପ ବୟସ୍କ ନ ୩-ଣର ଆଦୌ ଟୀକା ହୋଇ ନ ଥିଲା । ସେ ଦୁଇ ପିଲାଙ୍କୁ ଦ୍ୱିତୀୟବାର ଓ ଅଳ୍ପ ବୟସ୍କ ତିନିଟି ମଧ୍ୟରୁ ଦୁଇଟିଙ୍କୁ ପ୍ରଥମବାର ଇଂରେଜୀ ଟୀକା ଦିଆଇଲୁଁ । ବାକି ଜଣକର ମାତା ବିଧବା । ସେ ସମୟେ ପ୍ରକାଶ ହେଲା ଯେ ତାଙ୍କ ପିତାଳୟରେ ଟୀକା ପ୍ରଥା ନ ଥାଇ ଇଷ୍ଟ ବସନ୍ତ ଉପରେ ନିର୍ଭର ଥିବାରୁ ତାଙ୍କର ଦେଶୀୟ ଟୀକା ସୁଦ୍ଧା ହୋଇ ନାହିଁ । ଇଂରେଜୀ ଟୀକା ଦେଇ-ବାକୁ ଅସମ୍ମତା ହୋଇ ଏହି ଯୁକ୍ତି କହିଲେ ଯେ କୌଣସି ପାପରୁ ଯୁବାକାଳେ ବିଧବା ହୋଇ-ଅଛି ଇଂରେଜୀ ଟୀକା ଲେଇ ଦେହ ଅପବିତ୍ର କରିବ ନାହିଁ ବରଂ ମରିବ । ଘର ଗୁରୁପାର୍ଶ୍ୱରେ ବସନ୍ତ ଲାଗିଥିବାରୁ ତାଙ୍କ ଶିଶୁ ସନ୍ତାନର ଟୀକାରେ ଆଶଙ୍କା କଲେ ସୁତରାଂ ସେ ଦୁହିଙ୍କର ଟୀକା ନ ହେଲା । କେତେଦିନ ଉତ୍ତାରେ ପ୍ରଥମେ ସେ ଶିଶୁଟିକୁ ଉଗ୍ର ବସନ୍ତ ହେଲା ସେ ଆରୋଗ୍ୟ ଲଭିବାର ୨।୩ ଦିନେ ସେ ବିଧବାଟିକୁ ବିଶେଷ ବସନ୍ତ ହୋଇ ଶଙ୍କଟାପନ୍ନ ଅବସ୍ଥା ଘଟିଲା ମାତ୍ର ଈଶ୍ୱରଙ୍କ କୃପାରୁ ସେ ମାସେକାଳ କଷ୍ଟ ଭୋଗୀ ଆରୋଗ୍ୟ ହେଲେ । ଦୁଃଖବାର ଅନ୍ୟ ଉକ୍ତ ପିଲାଙ୍କର ଇଂରେଜୀ ଟୀକା ପୂର୍ବେ ତାଙ୍କ ପିତା ହାସ ଦୁଇଥର ହୋଇ ଯାଇଥିଲା । ସେ ଉକ୍ତ ପିଲା ଓ ଅନ୍ୟ ପିଲା କେତେକ ଇଂରେଜୀ ଟୀକା ଦିଆ ସେଦିନ ନିକଟ ଯିବା ଆସିବା ଓ ସେବା କରୁଥିଲେ ତଥାପି ସେମାନଙ୍କୁ କିମ୍ବା ଅମ୍ଭ ଗଞ୍ଜାର ଅନ୍ୟ କୌଣସି ପିଲାକୁ ବସନ୍ତ ରୋଗ ନ ହେଲା ସେ ସମୟେ ଓ ପୂର୍ବେ ଆମ୍ଭ ସୁବର୍ତ୍ତିନାରେ ଗ୍ରାମରେ ଯେତେ ପିଲାଙ୍କର ଇଂରେଜୀ ଟୀକା ହୋଇଥିଲା ସେମାନଙ୍କୁ ମଧ୍ୟ ଉଗ୍ର ବସନ୍ତ ହୋଇ ନାହିଁ ଓ ଯେତେ ପିଲାଙ୍କର କୌଣସି ପ୍ରକାର ଟୀକା ହୋଇ ନ ଥିଲା କିମ୍ବା ଯାହାର ପୂର୍ବ ଇଂରେଜୀ ଟୀକା ସଫଳ ହୋଇ ନ ଥିଲା ସେମାନଙ୍କୁ ବସନ୍ତ ହେଲା । ଏ ଘଟଣାରୁ ଇଂରେଜୀ ଟୀକାର ଉପକାରିତା ସ୍ପଷ୍ଟ ପ୍ରତିପନ୍ନ ହେଉଅଛି । ବସନ୍ତ ଉତ୍କଟ ରୋଗ ଅଟେ । କୌଣସି ଘରେ କିମ୍ବା ଗ୍ରାମରେ କେତେକ ପିଲାଙ୍କର ଦେଶୀୟ ଟୀକାରେ ବସନ୍ତ ହେଲେ ଟୀକା ଯେଉଁ ନ ଥିବା ପିଲା ଅଛନ୍ତି ଥିଲେହେଁ ସେମାନଙ୍କୁ ଉଗ୍ର ବସନ୍ତ ହୋଇପଡ଼େ । ଉପର୍ଯ୍ୟୁକ୍ତ ସ୍ଥଳେ ଯେଉଁ ପିଲାମାନେ ରୋଗୀର ସମ୍ପର୍କରେ ଆସିଥିଲେ ଓ ତାହାର ସେବା କରୁଥିଲେ ସେମାନେ ଇଂରେଜୀ ଟୀକା ପୂର୍ବେ ନେଇ ଥିବାରୁ ସେମାନଙ୍କୁ ବସନ୍ତ ନ ହେଲା ଏଥିରୁ ଇଂରେଜୀ ଟୀକା ପକ୍ଷରେ ସନ୍ଦେହ ହୋଇ ନ ପାରେ

ଯେଉଁ ପିଲାମାନେ ଇଂରେଜୀ ଟୀକା ନେଇ ଉତ୍ତାରେ ବସନ୍ତ ରୋଗରେ ଆକ୍ରାନ୍ତ ହୋଇଥିବାର ଶୁଣା ଯାଏ ସେମାନଙ୍କର ଟୀକା ସଫଳ ହୋଇ ନ ଥିବ । ଟୀକାମାନ ବସନ୍ତ ଅଳ୍ପଦିନେ ଫୁଲି ଉଠିଲାପରେ ଯାତ ସାମାନ୍ୟ ଜ୍ୱର ଅଥବା ନ୍ୟୁନାଧିକ ହେଲେ ଇଂରେଜୀ ଟୀକା ସଫଳ ହୁଏ । ଏହା ନ ହୋଇ ଟୀକାମାନ ଶୁଖିଗଲେ ତାହା ଅକର୍ମଣ୍ୟ ଅଟେ । ଏ ସ୍ଥଳେ ବସନ୍ତ ହେବାର ସମ୍ଭାବନା ସୁତରାଂ ଆଉ ଥରେ ଟୀକା ଦେବା ଆବଶ୍ୟକ । ଟୀକା ସଫଳ ହେଲେ ମଧ୍ୟ ୨।୩

Digitized by srujanika@gmail.com

Split by PDF Splitter



## ଖାଲପୁର ସମ୍ବାଦ ।

ଧର୍ମଶାଳା ଅଞ୍ଚଳ ଉଦୟନାଥ ମହାନ୍ତି ନାମକ ଯେଉଁ ଡେପୁଟିମାଜିଷ୍ଟ୍ରେଟ ମଧୁପୁର ଥାନା ଶିକାରପୁର ଗ୍ରାମର ଗୋଟି ଦଣ୍ଡାଲଙ୍କୁ ଲୋକ ଅପରାଧ ସ୍ୱୀକାର କରାଇବା ନିମିତ୍ତ ପୀଡ଼ା ଦେଇଥିବା ଅପରାଧରେ ଦଣ୍ଡ ବିଧି ଆଇନର ୩ ୩୩୦ ଧାରା ଅନୁସାରେ ଅଭିଯୁକ୍ତ ହୋଇଥିଲେ ଶ୍ରୀଯୁକ୍ତ ସବଡିଭିଜନ ମାଜିଷ୍ଟ୍ରେଟ ମହୋଦୟ ଉଭୟ ପକ୍ଷରୁ ପ୍ରମାଣ ନେଇ ଅସାମୀ ଡେପୁଟିକଲେକ୍ଟରଙ୍କୁ ସେସନ ବିଚାର ନିମିତ୍ତ ପ୍ରେରଣ କରିଅଛନ୍ତି ।

ମଧୁପୁର ଥାନାର କୌଣସି ଗ୍ରାମ ଲୋକର ସ୍ତ୍ରୀ ତାହାର ଶାଶୁ ଓ ନଣନ୍ଦର ଅତ୍ୟାଚାରରେ ଦହୋଲିଯିବାରୁ ଏକ ରାତ୍ରରେ ଅପରାଧରେ ତାହାର ସ୍ୱାମୀ ସ୍ତ୍ରୀର ଦୁଇ ହାତ ଧରି ରଖିବା ଓ ଶାଶୁ ଏକ ଉତ୍ତପ୍ତ କୁହାଳ ଦଣ୍ଡରେ ବାଧ୍ୟ ଦୁଇ ଗାଲ ଓ ସେ ଯେଉଁ ମୂର୍ଚ୍ଛନା ହୋଇଗଲା ଘର ଖାଉଥିବା ସେହି ମୂର୍ଚ୍ଛାରେ ଦାଗ ଦେଇ ତାହାର ଗାଲ ଓ ଓଷ୍ଠର ମାଂସ ଛିଡ଼ି ଚମଡ଼ା ପୋଡ଼ି ଯାଇ ଏପରି ବିକୃତ ହୋଇ ଯାଇଥିଲା ଯେ ତାହାର ମୁଖ ଦେଖିବା ମାତ୍ରେ ମନରେ ଭୟ ଓ ଅତ୍ୟନ୍ତ କଷ୍ଟ ବୋଧ ହେଉ ଅଛି ବୋଲି କହିଲେ ପିତା ସଂବାଦ ପାଇ ଅପଣାର କନ୍ୟାକୁ ନେଇ ଧର୍ମଶାଳା ପୁଲିସରେ ଏତଲା ଦେବାରୁ ପୁଲିସ ମକଦ୍ଦମା ଚଲାଇଲା କରି ତାହାର ସ୍ୱାମୀ ଓ ଶାଶୁ ଦୁଇ ଜଣଙ୍କୁ ଦଣ୍ଡବିଧି ଆଇନର ୩୨୬ ଧାରା ଅନୁସାରେ ଚାଲାଣ ଦେଇଥିବାରୁ ଶ୍ରୀଯୁକ୍ତ ସବଡିଭିଜନ ମାଜିଷ୍ଟ୍ରେଟ ମହୋଦୟ ପ୍ରମାଣ ନେଇ ପ୍ରତ୍ୟେକଙ୍କୁ ଛଅ ମାସ ହିସାବରେ ଶ୍ରମଯୁକ୍ତ କାରାବାସର ଆଦେଶ କରିଅଛନ୍ତି । ସ୍ତ୍ରୀଲୋକମାନଙ୍କର ସ୍ୱଭାବ ସ୍ୱଭାବତଃ କୋମଳ ମାତ୍ର ଏଠାରେ ଉକ୍ତ ଲୋକ ପାଷାଣ ହୃଦୟା ଶାଶୁର ରାକ୍ଷସୀ ଭଳି ଗାଳି ଦ ହୋଇ ଯାଇ ପାରେ ।

ଅନୁଭାର ଯୋଗଦେବା କାର୍ଯ୍ୟ ନିମନ୍ତେ ଅଳ୍ପ ଅଧିକ ଶୁଭ ଲଗ୍ନ ଗଣନାବାସଠାରୁ ଷଷ୍ଠ ଦ୍ୱାଦଶ ସେନ୍ଦେଶ ପର୍ଯ୍ୟନ୍ତ ଯେ ତାହା କାର୍ଯ୍ୟ ଲକ୍ଷ୍ୟ ସାଧ୍ୟ କ୍ଷମାଭିକ୍ଷା କରୁଅଛନ୍ତି ଏହା ଖାଲିର ମଧ୍ୟରେ ଦୁଇ ତାରିଖ ସ୍ଥିର ହୋଇ ଦେବ ସଂସାର ସଭାର ଜନତା ସ୍ୱରୂପ ପ୍ରତ୍ୟେକ ସଂଖ୍ୟାବାଚ ୨୮ ଜଣ ସେ ଦିନ ସମସ୍ତ ପରିବାରର ସଂଖ୍ୟା କରି ୧୭ ପରିସ୍ଥା ଫାଇଲ ସ୍ଥିର କରି ଅପଣା ସ୍ୱପରିଚାଳକରଣବାସ ସ୍ୱର୍ଗ ସୁଧାରନେ-ତ୍ରିଶଙ୍କୁ ଦେଖାଇଅଛନ୍ତି । ମାତ୍ର ମଫସଲରେ ଅନେକ ସ୍ଥାନରେ ଏପର୍ଯ୍ୟନ୍ତ ଦୁଇ ଭାଇବା ପ୍ରମୁଖ ହୋଇ ନାହିଁ ।

ଦୋଲଗ୍ରାମ ତହସିଲ ମହାଲଗଣ୍ଡ ସାଲଗ୍ରିସ ଓ ଡଙ୍ଗା ପ୍ରଭୃତି ବେରେଇ ମୌଜାରେ ବସନ୍ତଠାର ପ୍ରକୋପ ଅଶେଷ ବୃଦ୍ଧି ହୋଇଅଛି ।

ଗତ ସବଡିଭିଜନ ଉଚ୍ଚବା ଖରସୁଆ ଓ ଟାଙ୍ଗଣୀ ନଦୀର ମଧ୍ୟବର୍ତ୍ତୀ ବଲୁଆଁ, କଲାମାଟିଆ, ବାରଙ୍ଗ, ପେଷାଣୀପୁ, ଦୋଲଗ୍ରାମ, ଓ ରଘୁସ୍ୱାଇ ପ୍ରଗଣାର ଯେଉଁ ଅଂଶ ଗତ ଜଳ ପ୍ଳାବନରେ ଧାନ୍ୟ ଫସଲ ଧୋଇଲେ ନଷ୍ଟ ହୋଇ ଯାଇ ଥିବ ସେହି ସ୍ଥାନର ପ୍ରଜାମାନେ ରବି ଧୋଇବା ନିମିତ୍ତ ସେଥିପାଇଁ ମୁଗ, ବିରି, ଗହମ, କୋଳଥ ଆଦି ଫସଲ ପ୍ରସ୍ତୁତ କରିଥିଲେ ସେଥିରେ ଏକପ୍ରକାର ପୋକ ଲାଗି ନଷ୍ଟ ଫସଲ ନଷ୍ଟ କରି ଦେଉଅଛନ୍ତି ଏ ବର୍ଷ ବାସ୍ତବରେ ସ୍ୱଭିଅଣା ଭଳ ଫସଲ ନିରବା ସନ୍ଦେହ ମାତ୍ର ଯେଉଁ ସ୍ୱଚ୍ଛିନ୍ନ ନି ଷୋଡ଼ଶ ଫସଲ ପ୍ରସ୍ତୁତ କରିଥିଲେ ସେମାନେ ଷୋଳପଣ ଷୋଡ଼ଶ ଫସଲ ଅମଳାଇ ହେବେ ଯେବେ ବର୍ଷ ହେସ ଏପରି ଘଟଣାପ୍ତ ଷୋଡ଼ଶ ହେବାର ଦେଖା ନ ଥିଲା ।

ଏ ଗହଳର ଧାନ କଟା କାର୍ଯ୍ୟ ପ୍ରାୟ ଶେଷ ହୋଇଛି ଖରିଫ ପରେ ଧୋଇବା ଅଞ୍ଚଳର ଲୋକମାନେ ଆଜ ହୋଇଥିବା ସ୍ଥାନମାନଙ୍କରେ ପଡ଼ୁଥିବା ବିମାନସର ଧାନ କାଟି ଦେଉ ଥିଲେ ମାତ୍ର ମଙ୍ଗଳା ନାଗର ଅଣ୍ଡା ଅଲେଖ ଦେଇ ଏକ ଦଣ୍ଡା ମଙ୍ଗୁଳୀ ବିଲ ଧାନ ଝଡ଼ି କାମ ଶେଷ କରୁଅଛନ୍ତି ଏକ ଖୋଇଲା ମାହାଲରେ ନରେନ୍ଦ୍ର ଅନନ୍ତ ଘରୁ ବଡ଼ ଭଳି ଧାର ହୋଇଅଛି ।

ଟାଙ୍ଗରାର ନୂତନ ମୋଟା ଚାଉଳ ପିଟକାରେ ୧୧ ସେର ଓ ସରୁ ୮ ସେର ମୁଗ ୫ ବିରି ମୁଗ ୬ ସେର ଓ କୋଟ ୭ ସେର ହିସାବରେ ବିକ୍ରି ହେଉଅଛି ଅଥ ୩ ବେଳରେ ଅପର୍ଯ୍ୟାପ୍ତ କେଉଁଠାରେ ତେଲ ପ୍ରଚଳନ ହେଉଥିବା ହେତୁ ସେଠାରେ ମଣ ତେଲ ପିଟକାରେ ୬୦ ପାଇ ହିସାବରେ ମିଳିବା ପ୍ରାପ୍ତ ହେଉ ନାହିଁ । ଗଞ୍ଜାମ ବର୍ଷ ଏହି ସମୟରେ ମୋଟ ନୂଆ ଚାଉଳ ଟଙ୍କାରେ ପ୍ରାୟ ୧୩।୧୦ ସେର ହିସାବରେ ମିଳୁଥିଲା ।

### ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

ମାନ୍ୟବର ଶ୍ରୀଲ ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

ମହାଶୟ !

ଅପଣଙ୍କର ବହୁ କଲମଗୁ ପତ୍ରିକାର ପାର୍ଶ୍ୱେ ସ୍ଥାନରେ ମୋହର ପ୍ରେରିତ ବିଷୟ ଉପଯୁକ୍ତ ସ୍ଥାନପ୍ରାପ୍ତ ହେଲେ ପରମୋପକୃତ ହେବ ।

କଟକ ଜିଲ୍ଲା ଉଦ୍ଧାର ସନ୍ନିକଟ କଳାପଡ଼ା ଗ୍ରାମାନ୍ତର ଏକ ପାଶ୍ୱର୍ ଦେଇ ବେଣ୍ଟକାର ନୈତ୍ୟସଂସ୍କୃତ ଗ୍ରାମ ଅନ୍ତର୍ଭୁକ୍ତ । ଉକ୍ତ ଗ୍ରାମର ଅନତି ଦୂରରେ ଯେଉଁ ନଦୀ ପ୍ରବାହିତ ହେଉଅଛି ତାହା କାଠଯୋଡ଼ିର ଶାଖା ଏବଂ କାଠଯୋଡ଼ି ନାମରେ ଅଭିହିତ ପ୍ରୋକ୍ତ ଗ୍ରାମ ମଧ୍ୟରୁ ବେଣ୍ଟକାର ଗୋଟିଏ ବଡ଼ ଜଳାଶୟ ଗ୍ରାମ ଏବଂ ପାଠକମାନଙ୍କୁ ଅବଗତ ଥାଉ, ଉକ୍ତ ଗ୍ରାମସ୍ଥ ପାର୍ଶ୍ୱସ୍ଥ ନଦୀରେ ପ୍ରାୟ ୬ ଅଂଶ ଜଳ ପ୍ରବେଶ ହେଲେ ତତ୍ ସନ୍ନିକଟସ୍ଥ ଗ୍ରାମମାନଙ୍କରେ ଜଳ ପରିପୂର୍ଣ୍ଣ ହୁଏ । କିନ୍ତୁ ସେହି ନଦୀ ସମ୍ପୂର୍ଣ୍ଣରୂପେ ବନ୍ଦ ହେଲେ ଏହି ଗ୍ରାମବାସୀଙ୍କ ବ୍ୟକ୍ତିମାନଙ୍କ ବ୍ୟବହାରାଦି କାର୍ଯ୍ୟରେ ଗୁରୁତର ବାଧା ସଂଘଟିତ ହୁଏ । କିନ୍ତୁ ନଦୀ ବନ୍ୟାଜଳରୁ ଏପରି ପ୍ରଚୁର ପରିମାଣରେ ଜଳ ପରିପୂର୍ଣ୍ଣ ହୋଇଥାଏ ଯେ ଅନ୍ୟ ପ୍ରାଣୀ କଥା ଦୂରେ ଥାଉ ସମସ୍ତ ଅବାଳ ବୃଦ୍ଧ ବନିତା ନୌକା ଅବଲମ୍ବନପୂର୍ବକ ଗମନାଗମନରେ ପ୍ରବୃତ୍ତ ହୁଅନ୍ତି । ଗତ ଅକ୍ଟୋବର ମଧ୍ୟ ସପ୍ତାହରେ ଯେଉଁ ନଦୀ ବନ୍ୟା ହୋଇ ଦେଶ ପ୍ଲାବିତ ହୋଇଥିଲା ସେହି ସମୟରେ ଏହି ବେଣ୍ଟକାର ଗ୍ରାମସ୍ଥିତ ଦୁଇଗୋଟି ଚରଣଧୋଇବା ବାଳିକା ବାହ୍ୟ ଫେରିଣାର୍ଥେ ଦୁଇ ଗଡ଼ରେ ଗମନ କରୁଁ ସେମାନଙ୍କର ଯଦୋପ୍ୟୁକ୍ତ ହେବାମାତ୍ରେ ଜଳସ୍ରୋତ ହୋଇ ଖାଲଗ୍ରାମରେ ପତିତ ହୋଇ ଅଛନ୍ତି । ତଦନନ୍ତର ବେଣ୍ଟକାର ସନ୍ନିକଟ ସମ୍ଭାନରେ ଉପଗୋଷ୍ଠୀ ମୌଜାର ପ୍ରଜାମାନେ ଏକତ୍ର ହୋଇ ସଇଁଛି ଗୃହା ସଞ୍ଚୟପୂର୍ବକ ଏହି ଭୂଦୃଶ୍ୟବାଦକ ଆପତ୍ତିବାକ ନିମନ୍ତେ ଏହି ବର୍ଷ ଗୋଟିଏ ବନ୍ଧ ନିର୍ମାଣ ନିମନ୍ତେ ଛଣ୍ଡା ଋଣ କରୁଅଛନ୍ତି । କିନ୍ତୁ ବହୁବ୍ୟାପୀ ଓ ସାଧାରଣ ହିତକର କାର୍ଯ୍ୟଟି ଗରିବ ଲୋକଙ୍କଦ୍ୱାରା ସୁସମ୍ପନ୍ନ ହେବା ଅସମ୍ଭବ ସାଧ୍ୟ ନୁହେ । ତେଣୁ ଦାୟବହିର୍ଭୂତ ଉତ୍ସାହଶୀଳ କର୍ତ୍ତୃପକ୍ଷମାନଙ୍କର ଅନୁକୂଳତାର ସାପେକ୍ଷ ନାହିଁ ପୁନଶ୍ଚ ବର୍ଷାରମ୍ଭର ଅସହ୍ୟ ଉଷ୍ମ ଋତୁ ହୋଇ ଦରଣ୍ଡ ସ୍ଥଳ ଆଗତ ହେବା ମାତ୍ରେ ନଦୀ ପୁଷ୍କରିଣୀ ଓ କୂପ ଏମାନେ ଏକାବେଳକେ ଶୀର୍ଣ୍ଣାବସ୍ଥାରେ ପରିଣତ ହୁଅନ୍ତି । ଗ୍ରାମସ୍ଥିତ ବ୍ୟକ୍ତିମାନଙ୍କର ଜଳାଭାବ ସମ୍ପୂର୍ଣ୍ଣଭାବେ ଅନୁଭୂତ ହୁଏ । ବେଣ୍ଟକାର ଗ୍ରାମ ମଧ୍ୟସ୍ଥିତ କାଳିପୋଖରୀ ନାମଧେୟ ଗୋଟିଏ ବୃହତ୍ ପୁଷ୍କରିଣୀ । ଏହାର ବୟଃକ୍ରମ ପ୍ରାୟ ୧୦୦।୧୫୦ ବର୍ଷରୁ ଉଣା ନୁହେ ତଥିବ ଏହା ସ୍ୱର୍ଗୀୟ ବୈଷ୍ଣବଦାସ ନାମକ ଗୋଟିଏ ମହାଜନଦ୍ୱାରା ଏହି ଜଳାଶୟଟି ଖନନ ହୋଇଥିଲା କିନ୍ତୁ ଦୈବ ଦୁର୍ବିପାକପ୍ରଯୁକ୍ତ ଏହି ପୁଷ୍କରିଣୀ ନଦୀ ପଟୁରେ ପୋତି ହୋଇ ଗୋଟିଏ ସମତଳ ଭୂମି ସଙ୍ଗେ ସମକକ୍ଷ ହେବାରୁ ଗ୍ରାମ ଅଧିକେ ଜଳ ପରିଶୂନ୍ୟ ହୋଇଥାଏ । ଏହି ଅଭାବ ମୋଚନାର୍ଥେ ପ୍ରୋକ୍ତ । ମୌ । ପ୍ରଜାବର୍ଗ ପୂଜ୍ୟପାଦ ଡିଷ୍ଟ୍ରିକ୍ଟ ବୋର୍ଡରେ ଆବେଦନ କରିଥିଲେ କିନ୍ତୁ ଦୁଃଖର ବିଷୟ ଏହି ଚେୟାରମ୍ୟାନ ମହାଶୟ ଅଦ୍ୟାବଧି ଆବେଦନ କାର୍ଯ୍ୟରେ କୌଣସି ଆଦେଶ ପ୍ରଦାନ କରି ନାହାନ୍ତି । ଇତିପୂର୍ବରୁ ଜଣେ ପତ୍ରପ୍ରେରକ ଏ ସମସ୍ତ ଅସୁବିଧା ପ୍ରଦର୍ଶନ କରି ପାଠକମାନଙ୍କୁ ଜଣାଇ ଥିଲେ । ତଥାପି ମୁଁ ପୁନଶ୍ଚ ଏ ସମସ୍ତ ବିଷୟ ସଫଳ ସାଧନ ହେଲେ ଏହା ଗ୍ରାମସ୍ଥ ବ୍ୟକ୍ତିମାନଙ୍କର ଦୁରବସ୍ଥା ମୋଚନ ହେବ ।

୧୫-୧୨।୦୦ } ଆପଣଙ୍କର
ବେଣ୍ଟକାର } ଶ୍ରୀ ଗୋବିନ୍ଦ ତ୍ରିପାଠୀ
ପ୍ରଃ ଶିକ୍ଷକ, ବେଣ୍ଟକାର

### ମୂଲ୍ୟପ୍ରାପ୍ତ ।

ଶ୍ରୀ ବାବୁ ମଧୁସୂଦନ ଦିବ୍ୟସିଂହ ଟଙ୍କା ୫ ॥ ୯
" ଗୋପୀନାଥ ସୋମ ... ୬ ॥
" ଦଯାନିଧି ମିଶ୍ର ସର୍ବେଶ୍ୱର ... ୫ ॥
" ଦେବାଧୀଶ ମହାରାଜ ... ୩
" ଶ୍ରୀକୃଷ୍ଣ ତର୍କତୀର୍ଥ ... ୧
" ଉପେନ୍ଦ୍ର ... ୧

Digitized by srujanika@gmail.com

Split by PDF Splitter



## ବିଜ୍ଞାପନ ।

... ସ୍ୱାମୀଙ୍କ ସ୍ୱଳିତ ତୋଲାଛନ୍ଦ
... ଭକ୍ତିରତ୍ନାବଳୀ
... ଦାସଙ୍କ ଟୀକା ଏବଂ ୰ସ୍ୱାମଦାସଙ୍କ
... ବାଦ ସହିତ ପ୍ରକାଶିତ
ହୋଇ
... କୋମ୍ପାନୀ ଓ ଅରୁଣୋଦୟ ପ୍ରେସ
... ରେ ବିକ୍ରୟ ହେଉଅଛି ।
... ସ୍ୱଳିତ ଶୁଣିଲେ ଯାହା
... ଶୁଣିଲେ ତାହା
ଜାଣିଣ
... ଶ୍ରୀରାଧାର ଏ ଗ୍ରନ୍ଥ ଜବମାତ
... ଦେଖିଲେ ଜଣାଯିବ
... ଏକଟଙ୍କା ମାତ୍ର
... ଦସ୍ତଖତ ମୋହର ଦେଖି
... ହେବ । ବନା ମୋହରର ବହି
... କେହିଲ ପ୍ରଭାଶ୍ରୁ ପାଇ ପୁରସ୍କାର
(...) ଟଙ୍କା ମିଳିବ ।
...୧୯୦୦          ଶ୍ରୀ ଗୋପାଳବଲ୍ଲଭ ଦାସ

### NOTICE.

... Master for the ... Bizgurh M. E. School, ... Rs 25 a month. Applications together with copies of testimonials to be received by the undersigned up to the 9th Proxi. None need apply who has at least passed this Entrance Examinations. Preference will be given to those who have experience as teachers.

... 15th Decr. 1900 | Hrushi Kesh Rautaraya<br>*Sub Inspector of Schools*<br>South Mahanadi Circle<br>KANTILO P. O.

## ବିଜ୍ଞାପନ ।

... ସର୍ବସାଧାରଣଙ୍କୁ ଜଣାଇ ଦିଆ ଯାଉ
... ସନ ୧୯୦୧ ମସିହା ଜନୋଇ ମାସ
... । ଓଡ଼ିଆ ପୌଷ ଦ ୨୩ ଦ
... ଦବା ର ୧୨ ଘା ସମୟରେ କଟକ
... ବୋର୍ଡ୍ ଅଧୀନସ୍ଥ ଅଲଥାଦ ଅନ୍ତଃପାତ
... ଘାଟ ପ୍ରକାଶ୍ୟ ନିଲାମଦ୍ୱାରା ସନ ୧୯୦୧
... ଜୋଇ ମାସ ତା ୧ ରଖଠାରୁ ମାର୍ଚ୍ଚ

ମାସ ତା ୩୧ ରଖ ପୂର୍ବା ତୁଇ ମାସ ପରେସ ବନ୍ଦ ସକାଶେ ଇଯାରା ଦିଆଯିବ । ଯେଉଁମାନେ ଉକ୍ତ ଘାଟର ଇଯାରା ନେବାକୁ ଇଚ୍ଛା କରୁଥିବେ ସେମାନେ ଉକ୍ତ ତାରିଖରେ ନିଲାମ ଡାକିବେ । ସର୍ବୋଚ୍ଚ ନିଲାମ ଡାକ ଗ୍ରହଣ କରାଯାଇପାରେ । ନିଲାମ ଖରିଦଦାର ସଙ୍ଗତିସମ୍ପନ୍ନ ଓ ମର୍ଯ୍ୟାଦାବନ୍ତ ହେବା ଆବଶ୍ୟକ ନିଲାମ ଖରିଦଦାରଙ୍କୁ ନିଲାମ ସମାର ଅର୍ଦ୍ଧାଂଶ ନିଲାମ ଗ୍ରହଣ ମାତ୍ରକେ ଡିପୋଜିଟ ଦେବାକୁ ହେବ । ନିଲାମ ସମ୍ବନ୍ଧୀୟ ଆଉ ଯାହା ଜାଣିବାକୁ ଆବଶ୍ୟକ ହେବ ଡିଷ୍ଟ୍ରିକ୍ଟ ବୋର୍ଡ୍ ଅଫିସରେ ତଦ୍ବ କଲେ ବୁଝିପାରିବ ।

ପ୍ରକାଶ ଥାଉକି ଯଦି କେହି ଉକ୍ତ ଘାଟକୁ ଇଯାରା ନେବାକୁ ଇଚ୍ଛା କରେ କେତେ ଜମାରେ ନେବ ତାହା ଉଲ୍ଲେଖ କରି ଦରଖାସ୍ତ କଲେ ସେ ବିଷୟ ବିଚାର କରାଯିବ—ଇତି

CUTTACK Ditt. Board Office<br>Dated the 19th Decr. 1900 | J.C. Chandra<br>V. Chairman

## ବିଜ୍ଞାପନ ।

ଓଡ଼ିଶାସ୍ଥ ଦକ୍ଷିଣ ଗଡ଼ଜାତୀୟସ୍ଥମାନଙ୍କର
ସାଧାରଣ ସଭା ।

ଆଗାମୀ ବର୍ଷ ଜମଜେଟ୍ ତୁଇଜଣ ଅସହାୟ କାୟସ୍ଥ ବାଳକର ଶିକ୍ଷାଭାର ଗ୍ରହଣ କରିବାକୁ ପ୍ରସ୍ତୁତ ଅଛନ୍ତି । ଯେଉଁ କାୟସ୍ଥ ବାଳକମାନେ ଉପରୋକ୍ତ ସଭାର ସାହାଯ୍ୟରେ ଶିକ୍ଷାଲାଭ କରିବାକୁ ଇଚ୍ଛା କରନ୍ତି ସେମାନେ ସ୍ୱୟଂ ଅଥବା ଅଭିଭାବକଙ୍କଦ୍ୱାରା ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟକୁ ଆଗାମୀ ଜାନୁୟାରୀ ମାସ ତା ୭ ରଖ ମଧ୍ୟରେ ତୁଇଜଣ ଖ୍ୟାତନାମା କାୟସ୍ଥଙ୍କ ସାର୍ଟିଫିକଟସହ ଦରଖାସ୍ତ କରି ପାରିବେ । ଦରଖାସ୍ତରେ ବୟସ, ପିତାର ନାମ, ଗ୍ରାମ ଓ ଭୂସମ୍ପତ୍ତିର ପରିମାଣ ଉଲ୍ଲେଖ କରିବାକୁ ହେବ ।

କଟକ, ବାଙ୍କାବାଜାର<br>୧୩।୧୨।୧୯୦୦ | ଶ୍ରୀ ଅକ୍ଷୟକୁମାର ଘୋଷ ସମ୍ପାଦକ,<br>ଦକ୍ଷିଣ ଗଡ଼ଜାତୀୟସ୍ଥ ସଭା

ଲୋୟରପ୍ରାଇମେରୀ, ଅପରପ୍ରାଇମେରୀ, ବର୍ଣ୍ଣାକ୍ୟୁଲର ଏବଂ ମାଇନର ସ୍କୁଲର ପାଠ୍ୟପୁସ୍ତକ ଏବଂ ତହିଁର ବ୍ୟାଖ୍ୟା ଉଚିତ ମୂଲ୍ୟରେ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । ମୋଫସଲର ଗ୍ରାହକମାନଙ୍କ ପ୍ରତ୍ୟେକ ପରିମାଣରେ କମିସନ ଦିଆଯାଏ । ନାନାପ୍ରକାର କାଗଜ, ପେନ୍‌ସିଲ, କଲମ, ଦୁଆତ, ପ୍ରଭୃତି ସ୍କୁଲ ଏବଂ ଗବର୍ଣ୍ଣମେଣ୍ଟ ଅଫିସରେ ଲେଖିବାର ଯାବତୀୟ ସରଞ୍ଜାମମାନ ସୁଲଭ ମୂଲ୍ୟରେ ଆମ୍ଭ ନିକଟରେ ମିଳେ । ଇତି ।

ଶ୍ରୀ ଗୌରୀଶଙ୍କର ରାୟ
ସେକ୍ରେଟରୀ ।

## ବିଜ୍ଞାପନ ।

## ନୃସିଂହପୁରାଣ ।

ଏ ଗ୍ରନ୍ଥ ପାଠ କଲେ ପାଠକବୃନ୍ଦ ସାଂସାରିକ ଯାବତୀୟ କର୍ତ୍ତବ୍ୟ କାର୍ଯ୍ୟ ଉତ୍ତମରୂପେ ବୁଝି ପାରିବେ । ବିଷୟ ଗୁଡ଼ିକ ସ୍ମରଣ ରଖି ତଦନୁଯାୟୀ ଚଳିଲେ ମୋହମାୟାକୁ ଅତିକ୍ରମ କରି ପରମପଦ ଲଭି ପାରିବେ । ସମସ୍ତ ପୁରାଣର ସାର ବିଷୟମାନ ସରଳଭାଷାରେ ସୁସଙ୍ଗତରୂପେ ଏଥିରେ ସନ୍ନିବେଶିତ ହୋଇଅଛି । ଏହା ଗୃହୀମାନଙ୍କର ଗୃହର ରତ୍ନସ୍ୱରୂପ ଅଟେ । ଅତଏବ ଗୃହୀମାନଙ୍କେ ଏଥିରୁ ଖଣ୍ଡିଏ କ୍ରୟ କରି ପଢ଼ିବା ଓ ପଢ଼ାଇ ଶୁଣିବା ଉଚିତ । ଏହା ୭ ଖଣ୍ଡରେ ବିଭକ୍ତ । ପ୍ରତ୍ୟେକ ଖଣ୍ଡର ନାମ ଗ୍ରନ୍ଥକାର ତାହାର ନାମରେ ଉଲ୍ଲେଖ କରିଅଛନ୍ତି । ଏଥିର ୧ମ ଭାଗ ମୁଦ୍ରିତ ହୋଇ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ।

ମୂଲ୍ୟ ଖ ୧ ଖ୍ଡ ଟ ୧।   ଡାକମାସୁଲ ଟ ୦ ।

ତେଲିବଜାର<br>କଟକ } ପୁରାଣପ୍ରକାଶକ କମ୍ପାନୀ ।

## ଗୀତଗିରୀଶ ।

" ଗୀତଗୋବିନ୍ଦ " ରେ ଯେପରି ମଧୁର ରାଗ ରାଗିଣୀରେ ରଚିତ ହୋଇ ଶ୍ରୀକୃଷ୍ଣଙ୍କର ରସକେଳି ବର୍ଣ୍ଣିତ ହୋଇଅଛି । " ଗୀତଗିରୀଶ " ରେ ତଦ୍ରୂପ ରାଗ ରାଗିଣୀରେ ହରପାର୍ବତୀଙ୍କର ରସକେଳି ବର୍ଣ୍ଣିତ ହୋଇଅଛି । ଏହା ଗୀତଗୋବିନ୍ଦ ପରି ବାଇଶଗୋଟି ତତ୍ତ୍ୱଗାଥା ବାସ୍ତବ ଶ୍ଳୋକରେ ରଚିତ ହୋଇଅଛି । ଏହାର ମୂଲ୍ୟ ସାଧାରଣଙ୍କ ସୁବିଧାର୍ଥେ ଅତିସୁଲଭ କରା ହୋଇଅଛି

ମୂଲ୍ୟ ଟ ୦ ୵ ୭ ମାତ୍ର

କଃକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକାଳୟରେ ପ୍ରାପ୍ତବ୍ୟ

## ନୂତନ ପୁସ୍ତକ

| | |
|---|---|
| ଅଧ୍ୟାତ୍ମରାମାୟଣ (ହଳଧରପଟ୍ଟନାୟକକୃତ) | ଟ ୨୧ |
| ରୁଦ୍ରାଭିଷେକ | ଟ ୦ ୵ |
| ଚତୁର୍ଦ୍ଦଶପଦୀ | ଟ ୦ ୵ |

କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକ
ଦୋକାନରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

Digitized by srujanika@gmail.com

# ବିଜ୍ଞାପନ ।

## ନୂତନ ପୁସ୍ତକ ।

ଶ୍ରୀରାମଶଙ୍କର ରାୟଙ୍କ କୃତ

## ବିଷମୋଦକ ।

ନାଟକ ।

ମୂଲ୍ୟ ଛ ଅଣା ମାତ୍ର ।

ମାର୍କଣ୍ଡେୟ ପୁରାଣ ଟ ५
ଜଗାଣରକ୍ଷି ବା ଚୈତନ୍ୟ ଗୀତା ଟ ୦।/

## ବିଦ୍ୟାହପଦ୍ଧତି ।

ଏଥିରେ ସ୍ତ୍ରୀଙ୍କର ଧର୍ମ, ବିବାହ ଧର୍ମ, ଚତୁର୍ଥୀ କର୍ମ, ଚତୁର୍ଥୀକାପଳା, ବିବାହ ବର୍ଗର କ୍ରମ ଏବଂ କେତେକ ବିବାହ ଡାଉକାସହିତ ସନ୍ନିବେଶିତ ହୋଇଅଛି ।

ମୂଲ୍ୟ ଟ ୦ ।୶

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ତତ୍ତ୍ୱ କଲେ ମିଳିବ

NEW YORK LIFE
INSURNCE COMPANY.

Is the property of the Policy Holders and all profits made are allotted to them. A safe and profitable investment.—For full particulars apply to

H. J. BELL,
*Agent,*
*Cuttack.*

# ବିଜ୍ଞାପନ ।

## ସାବିତ୍ରୀ ଅବ୍ୟର୍ଥ ମହୌଷଧ

ମୂଲ୍ୟ ପ୍ରତି ଡବା ଟ ୦ ।୶ ଛ ଅଣା ମାସୁଲ ଏକତବାଠାରୁ ଛ ଡବା ପର୍ଯ୍ୟନ୍ତ ଟ ୦ । ଚାରି ଅଣା ମାତ୍ର ।

ସର୍ବପ୍ରକାର ଦନ୍ତରୋଗର ଏହାପରି ଉତ୍କୃଷ୍ଟ ପୂର୍ଣ ମୂଳ ସହଣ ବହୁଳ ଅଶ୍ତ ଫଳଦାୟକ ଔଷଧ ଏପର୍ଯ୍ୟନ୍ତ ଦ୍ୱିତୀୟ ଦେଖା ଯାଇ ନାହିଁ । ଶତ ଶତ ବ୍ୟକ୍ତି ଏହି ଔଷଧର ଗୁଣ ବର୍ଣ୍ଣନା କରି ମୁକ୍ତକଣ୍ଠରେ ପ୍ରଶଂସା କରଅଛନ୍ତି ।

ଔଷଧ ପ୍ରତଣାର୍ଥି ମାନଙ୍କେ ସ୍ପଷ୍ଟରୂପେ ସ୍ୱ ସ୍ୱ ନାମ, ଧାମ, ଡାକଘର, ଜଲା ଏବଂ ତାହାର କେତେ ଡବା ଔଷଧ ଆବଶ୍ୟକ ତ ଲେଖିଲେ ଔଷଧ ପଠାଇବାରେ ଶୀଘ୍ର ଦତ୍ତ ଉଚିତ ହେବ ।

ପ୍ରାପ୍ତିସ୍ଥାନ
ଶ୍ରୀ ସ୍ୱରାଜଚନ୍ଦ୍ର ସେନ
ଦେବ ଉତ୍କଳ ପ୍ରେସ, ବାଲେଶ୍ୱର




## ସୁଗନ୍ଧି ସୌଖୀନ ଦ୍ରବ୍ୟ

କଲିକତାର ପ୍ରସିଦ୍ଧ ସୁଗନ୍ଧଦ୍ରବ୍ୟ ପ୍ରସ୍ତୁତକାରୀ ଏଇଚ, ବସୁଙ୍କ କାରଖାନାରେ ପ୍ରସ୍ତୁତ ।

### କୁନ୍ତଳୀନ

ଏହି ତୈଳ କେଶ ପରିବର୍ଦ୍ଧନ କରେ। ଏହାଦ୍ୱାରା କେଶର ଶୋଭା ବୃଦ୍ଧି ହୁଏ ଏବଂ କେଶ ଉଠିଯାଉଥିଲେ ତାହା ବନ୍ଦ ହୁଏ । ଏହା ଅତି ନିର୍ମଳ ଏବଂ ମନୋହର ସୁଗନ୍ଧଯୁକ୍ତ । ଏହା ଚାରିପ୍ରକାର ଏବଂ ମୂଲ୍ୟ ଯଥା:—

ସୁବାସିତ କୁନ୍ତଳୀନର ମୂଲ୍ୟ ଏକ ଟଙ୍କା, ପଦ୍ମଗନ୍ଧ କୁନ୍ତଳୀନର ମୂଲ୍ୟ ଦେଢ଼ ଟଙ୍କା, ଗୋଲାପଗନ୍ଧ କୁନ୍ତଳୀନର ମୂଲ୍ୟ ଦୁଇ ଟଙ୍କା, ଯୂଇଗନ୍ଧ କୁନ୍ତଳୀନର ମୂଲ୍ୟ ଦୁଇ ଟଙ୍କା ।

### ପୁଷ୍ପସାର ଅଥବା ଏସେନ୍ସ ।

ସଦ୍ୟ ପ୍ରସ୍ଫୁଟିତ ନାନାବିଧ ସୁରଭି ପୁଷ୍ପର ସାର ସଂଗ୍ରହ କରାଯାଇ ଏହି ଉତ୍କୃଷ୍ଟ ପ୍ରକାର ଏସେନ୍ସ ପ୍ରସ୍ତୁତ କରାଯାଇଅଛି । ଏଥିର ସୁବାସ ମନୋମୁଗ୍ଧକର । ନାମ—ଗୁଲମେଲ; ନରଗିସ୍; ଚାମେଲି; ରଜନୀଗନ୍ଧା; ମଲ୍ଲିକା; କେଲଗୋଷ୍ଟ; ହ୍ୱାଇଟ୍ ରୋଜ୍; ବକୁଲ ରୋଜ୍; ଚେଣ୍ଟାରେକ; ଭୁମଦୀଦ; ମିଶଭୁମ; ହେକାଭୁମ; ଯାଉଜାଭୁମ; ଭଲ୍ୟୋରେସ୍ୟା ବୋକେ । ମୂଲ୍ୟ ପ୍ରତିଶିଶି ଏକଟଙ୍କା ମାତ୍ର ।

### ଲ୍ୟାଭେଣ୍ଡର ।

ବସୁଙ୍କ ଲ୍ୟାଭେଣ୍ଡର ଦେଢ଼ଟଙ୍କା । ଲ୍ୟାଭେଣ୍ଡର ଓ୍ୱାଟର ବଡ଼ଶିଶି ଚଉଦଅଣା, ଛୋଟଶିଶି ସାତଅଣା ।

## ପମେଟମ ।

ଗୋଲାପି ପମେଟମ ଆଠଅଣା; ପମେଟମ ପାଞ୍ଚଅଣା ।

## ତାମ୍ବୁଲୀନ ।

ପାନ ସୁବାସିତ ଓ ସୁସ୍ୱାଦ କରିବାର ସାମଗ୍ରୀ । ଗୁଣ୍ଡି ସଙ୍ଗରେ ଖାଇବ ମିଶାଇ ଗୁଣ୍ଡି ମଦକପଡ଼ିବ । ମୂଲ୍ୟ ପ୍ରତି ଶିଶି ଅ...

## ସରବତ ଅଥବା ସିରପ !

ଗ୍ରୀଷ୍ମକାଲ ସକାଶେ ଏହାଠାରୁ ଭଲ ଆଉ ନାହିଁ ।

ଲେମନ ସିରପ୍ ବାରଅଣା । ... ବାରଅଣା । ଅରେଞ୍ଜ ସିରପ୍ ବାରଅଣା । ... ସିରପ୍ ଏକଟଙ୍କା । ଗୋଲ୍ଡେନ ସିରପ୍ ଏକଟ...

## ଗୋଲାପଜଳ ।

ପ୍ରତି ଶିଶି ଦେଢ଼ଟଙ୍କା ।

ପତ୍ର ଲେଖିଲେ ଡାକଦ୍ୱାରା ବା ରେଲଦ୍ୱାରା ଜିନିଷ ପଠାଯିବ । ଭାରତବର୍ଷର ପ୍ରଧାନ ପ୍ରଧାନ ମହାରାଜା ଓ ରାଜା ଓ ବଡ଼ ବଡ଼ ରାଜକର୍ମଚାରୀମାନଙ୍କଦ୍ୱାରା ଏହି ଦ୍ରବ୍ୟମାନ ବ୍ୟବହୃତ ଏବଂ ବିଶେଷରୂପେ ପ୍ରଶଂସିତ । ପଞ୍ଜିକା ଓ ତାଲିକା ବିନା ମୂଲ୍ୟରେ ପଠାଯାଏ ।

ଠିକଣା:

ଏଚ ବସୁ
୬୨ନମ୍ବର ବହୁବଜାର ଷ୍ଟ୍ରିଟ
କଲିକତା

H. BOSE,
62 Bow Bazar
Street
Calcutta.

କଟକରେ "ଉଦ୍ୟୋଗ ସମିତିର ଭଣ୍ଡାର"ରେ ଏହି ଜିନିଷ ମିଳିବ ।



ଉତ୍କଳ ଦୀପିକାର ବିଜ୍ଞାପନ ଛପାଇବାର ସର୍ତ୍ତ ନିମ୍ନଲିଖିତରୂପେ ଧାର୍ଯ୍ୟ ହୋଇଅଛି, ଯଥା;—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ।୶ |
| ଅଧସ୍ତମ୍ଭକୁ | ଟ ୨ ୧ |

ପୂର୍ଣ୍ଣ ଏକ ସ୍ତମ୍ଭକୁ ଟ ୩

ମାତ୍ର କୌଣସି ବିଜ୍ଞାପନ ସେତେ କ୍ଷୁଦ୍ର ହେଲେ ହେଁ ଏଥିର ସର୍ତ୍ତ ଟ ୦ ।୶ ଆଠ ଅଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ସର୍ତ୍ତ ପ୍ରଥମଥରର ଦେଢ଼ା ଓ ଦ୍ୱିଗୁଣ ଯଥାକ୍ରମେ ହେବ

ଅଧିକ ଥର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର ମୁଦ୍ରିତ ... ଯନ୍ତ୍ରରେ ମୁଦ୍ରିତ ଓ ପ୍ରକାଶିତ ହେଲା


Split by PDF Splitter
Digitized by srujanika@gmail.com

